ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୯

# ପାଠ-୫୩

ଦିବସ-୫

## ପୁନରାଲୋଚନା

## ମା'ଙ୍କ ମହାନତା



### ୧. ପଢ଼

ସିଲୁ ଦୁଆରେ ବସିଥାଏ । ଜଣେ ତପସ୍ୱୀ ଆସିଲେ । ସିଲୁ ପ୍ରଣାମ କଲା । ମାଆ ଫଳମୂଳ ଆଣି ଦେଲେ । ତପସ୍ୱୀ ଖୁସିରେ ସିଲୁର ପିଠି ଆପୁଡ଼ାଇ ଦେଲେ ।

### ୨. କୁହ ଓ ଲେଖ -

(କ) ସିଲୁ ଦୁଆରେ କାହାକୁ ଦେଖିଲା ?

..............................................................

(ଖ) ସିଲୁର ମାଆ ତପସ୍ୱୀଙ୍କୁ କ'ଣ ଦେଲେ ?

ଉ..................................................................

(ଗ) ତପସ୍ୱୀ ଖୁସି ହୋଇ କ'ଣ କଲେ ?

..............................................................................................

(ଘ) ତୁମ ଘରକୁ ଅତିଥି ଆସିଲେ ତୁମେ କ'ଣ କର ?

..............................................................................................

### ୩. ବାକ୍ୟଟିକୁ ପଢ଼ ଓ ଲେଖ ।

(କ) ବିଶ୍ୱନାଥ ବାବୁ ଜଣେ ଶିକ୍ଷକ ।

..............................................................................................

(ଖ) ଅଜଣା ଲୋକକୁ ବିଶ୍ୱାସ କର ନାହିଁ ।

..............................................................................................

(ଗ) ଆଶ୍ୱିନ ମାସରେ ଆକାଶ ସଫା ଦେଖାଯାଏ ।

..............................................................................................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ତାରିଖ....................

ସପ୍ତାହ-୭

# ପାଠ-୫୪

ଦିବସ-୬

## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

# ବିଲେଇ ନାନୀର ଜ୍ୱର ଛୁ

୧. ପଢ଼

ବିଲେଇ ନାନୀକୁ ଜ୍ୱର ହେଲା ।
କାମଦାମ କରି ନ ପାରିଲା
ନିତିଦିନ ସେ ଯୋଗ କଲା
ଦ୍ୱାରରେ ଦେଖିଲା ମାଛ ବାଲା
ଜ୍ୱର ଛୁ, ବିଲେଇ ନାନୀ ହୁ ହୁ ।



୨. କୁହ ଓ ଲେଖ -

(କ) କାହାକୁ ଜ୍ୱର ହେଲା ?

.......................................................................................

(ଖ) ସେ ନିତିଦିନ କ'ଣ କଲା ?

ଉ......................................................................................

(ଗ) ବିଲେଇ ନାନୀର ଜ୍ୱର କିପରି ଭଲ ହେଲା ?

.......................................................................................

୩. ଶ୍ରୁତଲିଖନ । (ଶିକ୍ଷକ ୪/୫ଟି ଶବ୍ଦ ବିଶିଷ୍ଟ ଗୋଟିଏ ସରଳ ବାକ୍ୟ ଡାକିବେ ।)

.......................................................................................

୪. ପଢ଼

| | | | | |
|---|---|---|---|---|
| ଟିକେଟ୍ | ଅଳସ | ବିଶ୍ୱ | ରାଜା | ସ୍ୱର |
| ଓ୍ୱିକେଟ୍ | କଳସ | ନିସ୍ୱ | ଧ୍ୱଜା | ଦ୍ୱାର |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ସପ୍ତାହ-୧୦

## ପାଠ-୫୫

ଦିବସ-୧

# ନାଲି ଫ୍ରକ୍



୧. ପଢ଼ ।

କୁନି ପାଇଁ ବାପା ନାଲି ଫ୍ରକ୍‌ଟିଏ ଆଣିଲେ । ମାମୁ ମଧ୍ୟ ନାଲି ସ୍ୱେଟରଟିଏ ପଠାଇ ଥିଲେ । ନାଲି ଫ୍ରକ୍ ଓ ନାଲି ସ୍ୱେଟର ଦେଖି କୁନି ମନ ଭାରି ଖୁସି ।

୨. କୁହ ଓ ଲେଖ ।

(କ) ବାପା କୁନି ପାଇଁ କ'ଣ ଆଣିଥିଲେ ?

.................................................................................................

(ଖ) କୁନି କ'ଣ ଦେଖି ଖୁସି ହେଲା ?

.................................................................................................

(ଗ) ତୁମକୁ ଭଲ ଲାଗୁଥିବା ଜିନିଷ ମିଳିଲେ ତୁମକୁ କିପରି ଲାଗେ ?

.................................................................................................

ତାରିଖ...................

ସପ୍ତାହ-୧୦

# ପାଠ-୫୬

ଦିବସ-୨

**୧. ବନ୍ଧନୀ ମଧ୍ୟରୁ ଠିକ୍ ଶବ୍ଦ ନେଇ ଖାଲି ଘରେ ଲେଖ ।**

**(ତାଓ୍ୱା, ଆଶ୍ରମ, ମିତ୍ର, ସ୍ୱର, ସର୍ବତ)**

(କ) ବିକାଶ ଓ ରମେଶ ଭଲ ................ ଅଟନ୍ତି ।

(ଖ) ମାଆ .......................ରେ ରୁଟି କଲେ ।

(ଗ) ଋଷିମାନେ .........................ରେ ରହନ୍ତି ।

(ଘ) କୋଇଲିର ........................... ମଧୁର ।

(ଙ) ଖରାଦିନେ ଆଖୁ ....................... ପିଇବା ଭଲ ।

**୨. ଅକ୍ଷରକୁ ଯୋଡ଼ି ପଢ଼ ଓ ଲେଖ ।**

ବା + ର + ମା + ସ = ...................... .........................

ମା + ମୁ + ଘ + ର = ...................... .........................

ଭ + ଲ + କ + ଥା = ...................... .........................

ବୈ + ଦେ + ଶି + କ = ...................... .........................

**୩. ବନ୍ଧନୀ ମଧ୍ୟରୁ ଠିକ୍ ଅକ୍ଷର ନେଇ ଶୂନ୍ୟସ୍ଥାନ ପୂରଣ କର ଓ ଶବ୍ଦ ପଢ଼ ।**

ପରି.........ମ (ଶ୍ର,ଶ୍ୱ)          ଯାନିଯା........(ତ୍ୱା, ତ୍ରା)

......ର ପାଳ (ଦ୍ୱା, ଦ୍ରା)          ବା.......କ (ର୍ଷି, ଷ୍ଠି)

**୪. ଚିତ୍ରକୁ ଦେଖି ବାକ୍ୟ ଲେଖ ।**



___________________________________



___________________________________



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ତାରିଖ....................

ସପ୍ତାହ-୧୦

# ପାଠ-୫୭

ଦିବସ-୩

## ବେଲୁନ୍

୧. ପଢ଼



ପ୍ରୀତମ ଦୁଇଟି ବେଲୁନ୍ ଧରି ଖେଳୁଥିଲା । ଏତିକିବେଳେ ଅର୍ପିତା ଆସିଲା । ସେ ତାକୁ ଗୋଟିଏ ବେଲୁନ ଦେଲା । ଦୁହେଁ ଖୁସିରେ ଖେଳିଲେ ।

୨. ଉତ୍ତର କୁହ ଓ ଲେଖ ।

କ) ବେଲୁନ୍ ଧରି କିଏ ଖେଳୁଥିଲା ?

.................................................................................................

ଖ) ପ୍ରୀତମ୍ ବେଲୁନ୍ କାହାକୁ ଦେଲା ?

.................................................................................................

ଗ) ନୂଆ ଖେଳଣା ପାଇଲେ ତୁମକୁ କିପରି ଲାଗେ ?

.................................................................................................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

୧. ଚିତ୍ର ଦେଖି ତା'ର ନାମ ଲେଖ ।

 → ______

 → ______

 → ______

 → ______

୨. ଅକ୍ଷର ଯୋଡ଼ି ଶବ୍ଦ ଗଢ଼ ଓ ଲେଖ । ଯେପରି–

ବ + କ୍ର = ..................... .........................

ଗ୍ରା + ମ = ..................... .........................

ଶ + ରୀ + ର = ..................... .........................

ଧ୍ୱ + ନି = ..................... .........................

ଶ୍ୱା + ସ = ..................... .........................

୩. ସାରଣୀରୁ ଶବ୍ଦ ଗଢ଼ ଓ ଲେଖ । ଯେପରି–

| | | | | |
|---|---|---|---|---|
| ଆ | ଶ୍ର | ମ | ରି | ଚ |
| ତ | ରା | ଟ | ବ | କ୍ର |
| ପ | କ୍ୱ | ନ | ର | ମ |
| ସ୍ୱୀ | କା | ର | ଫ | ଣା |

ଆଶ୍ରମ ....................

.................... ....................

.................... ....................

.................... ....................

୪. ପଢ଼ ।

ପାଠ ପଢ଼ ଘୋଡ଼ା ଚଢ଼

ଦେଶ ଗଢ଼ ହୁଅ ବଡ଼ ।

ତାରିଖ....................

ସପ୍ତାହ-୧୦

# ପାଠ-୫୯

ଦିବସ-୫

## ପୁନରାଲୋଚନା

## ଖୁସିର ଲୁହ

୧. ପଢ଼ ।



ଦିନେ ସ୍ୱରୂପ ମାଟିରେ ଖେଳୁଖେଳୁ ଚକ୍ରଟିଏ ଗଢ଼ିଦେଲା । ଦୌଡ଼ିଯାଇ ମାଆଙ୍କୁ ଦେଖାଇଲା । ଖୁସିରେ ମାଆଙ୍କ ଆଖିରୁ ଅଶ୍ରୁ ବୋହିଗଲା । ମାଆ ତା' ପାଇଁ ଗର୍ବ କଲେ ।

୨. ଉତ୍ତର କୁହ ଓ ଲେଖ ।

କ) କିଏ ମାଟିରେ ଚକ୍ର ଗଢ଼ିଦେଲା ?

..........................................................................................

ଖ) ସ୍ୱରୂପ ଚକ୍ରଟିକୁ କାହାକୁ ଦେଖାଇଲା ?

..........................................................................................

ଗ) ଚକ୍ରଟିକୁ ଦେଖି ମାଆଙ୍କ ଆଖିରୁ କ'ଣ ବୋହିଗଲା ?

..........................................................................................

ଘ) ତୁମେମାନେ ମାଟିରେ କ'ଣ କ'ଣ ଗଢ଼ି ଜାଣିଛ ?

..........................................................................................

୩. ଠିକ୍ ଜାଗାରେ ରେଫ୍ ( ˊ ) ରେ ଲଗାଇ ଶବ୍ଦ ଗଢ଼ ଓ ଲେଖ ।

ଗବ, ବଷା, ସ୍ୱଗ, ସପ

................ ................ ................ ................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ତାରିଖ....................

ସପ୍ତାହ-୧୦

# ପାଠ-୬୦

ଦିବସ-୬

## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

## ବଲ୍ ପକା

୧. ପଢ଼ ।

ପବିତ୍ର ଖେଳିବା ପାଇଁ ବଲ୍, ଓ୍ୱିକେଟ୍ ଆଦି କିଣିଲା । ସାଥିମାନଙ୍କ ସହ ପଡ଼ିଆକୁ ଗଲା । କହିଲା- ଖେଳିବି କ୍ରିକେଟ୍, ମାରିବି ଛକା । ବେଗି ବେଗି ମୋତେ ବଲ ପକା ।

୨. ଉତ୍ତର କୁହ ଓ ଲେଖ ।

କ) ପବିତ୍ର ଖେଳିବା ପାଇଁ କ'ଣ କିଣିଲା ?

.........................................................................................

ଖ) ସାଥିମାନଙ୍କ ସହ ସେ କି ଖେଳ ଖେଳିଲା ?

.........................................................................................

ଗ) ତୁମେ ପଡ଼ିଆରେ ସାଥିମାନଙ୍କ ସହ କେଉଁ ଖେଳଗୁଡ଼ିକ ଖେଳ ?

.........................................................................................

୩. ଶ୍ରୁତ ଲିଖନ । (ଶିକ୍ଷକ ୪/୫ଟି ଶବ୍ଦ ବିଶିଷ୍ଟ ଗୋଟିଏ ସରଳ ବାକ୍ୟ ଡାକିବେ ।)

.........................................................................................

୪. ପଢ଼ ।

| | | | | | |
|---|---|---|---|---|---|
| କ୍ଷେତ୍ର | ନିଶ୍ୱାସ | ସ୍ୱଦେଶ | ମୁଦ୍ରିକା | ଇନ୍ଦ୍ର | ଗର୍ଜନ |
| ନେତ୍ର | ପ୍ରଶ୍ୱାସ | ବିଦେଶ | ପତ୍ରିକା | ଚନ୍ଦ୍ର | ନିର୍ଜନ |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ତାରିଖ....................

ସପ୍ତାହ-୧୧

# ପାଠ-୬୧

ଦିବସ-୧

## ମନ ବଦଳିଲା

୧. ପଢ଼



ସୌଭାଗ୍ୟର ମାଆ ଚମ୍ପାବତୀ ପ୍ରତିଦିନ ସୁସ୍ୱାଦୁ ଖାଦ୍ୟ ତିଆରି କରୁଥିଲେ । ସୌଭାଗ୍ୟର ସେସବୁ ନଖାଇ ବାହାର ଜିନିଷ ଖାଉଥିଲା । ତା' ଦେହ ଖରାପ ହେଲା । ମାଆ ତାକୁ ବୈଦ୍ୟ ପାଖକୁ ନେଲେ । ବାହାର ଜିନିଷ ଖାଇବାରୁ ଦେହ ଖରାପ ହୋଇଛି ବୋଲି ବୈଦ୍ୟ କହିଲେ । ସୌଭାଗ୍ୟ ନିଜ ଭୁଲ୍ ବୁଝିଲା । ଏଣିକି ଘର ତିଆରି ଜିନିଷ ଖାଇଲା ।

୨. ଉତ୍ତର କୁହ ଓ ଲେଖ ।

କ) ସୌଭାଗ୍ୟର ମାଆଙ୍କ ନାମ କ'ଣ ?

..........................................................................................

ଖ) ସୌଭାଗ୍ୟ କାହା ସହିତ ବୈଦ୍ୟ ପାଖକୁ ଗଲା ?

..........................................................................................

ଗ) ସୌଭାଗ୍ୟର ଦେହ କାହିଁକି ଖରାପ ହେଲା ?

..........................................................................................

ଘ) ତୁମ ଦେହ ଭଲ ରଖିବାକୁ ହେଲେ କ'ଣ ସବୁ କରିବ ?

..........................................................................................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

## ୧. ଚିତ୍ର ଦେଖି ଖାଲି ଘର ପୂରଣ କର।

   

| ବା...... | ପି......ଡ଼ି | ଚ.....ଫୁଲ | ବି......ଳୟ |
|---|---|---|---|

## ୨. ପଢ଼।

| | | | | |
|---|---|---|---|---|
| ଶୂନ୍ୟ | କନ୍ୟା | କମ୍ପ | ପାମ୍ପଡ଼ | ବ୍ୟବସାୟ |
| ପୁଣ୍ୟ | ବନ୍ୟା | ତମ୍ପ | କାଙ୍କଡ଼ | ଆୟବ୍ୟୟ |

## ୩. ଅକ୍ଷର ଯୋଡ଼ି ଶବ୍ଦ ଗଢ଼, ପଢ଼ ଓ ଲେଖ।

ରା + ଣୀ = ................. ....................

ଠା + ଣି = ................. ....................

ଘୋ + ଡ଼ + ଣି = ................. ....................

ସୁ + ନା + ଖ + ଣି = ................. ....................

ବୈ + ତ + ର + ଣୀ = ................. ....................

## ୪. ‘ୟ’ ଫଳା ‘୍ୟ’ ଲଗାଇ ଶବ୍ଦ ଗଢ଼ ଓ ଲେଖ। ଯେପରି–

‘୍ୟ’

କାବ → .................

ସପ୍ତାହ-୧୧

# ପାଠ-୬୩

ଦିବସ-୩

## କ୍ଷୀର ଦିଏ ବଳ

### ୧. ପଢ଼



ଆଦ୍ୟାଶା ବିଦ୍ୟାଳୟକୁ ଯାଇଥିଲା । ହଠାତ୍ ତା'ର କମ୍ପ ସହ ଜ୍ୱର ଆସିଲା । ଶିକ୍ଷୟିତ୍ରୀ ତା' ବାପାଙ୍କୁ ଡାକି ତାକୁ ଘରକୁ ପଠାଇଦେଲେ । ବାପା ତାଙ୍କୁ ବୈଦ୍ୟ ପାଖକୁ ନେଇଗଲେ । ବୈଦ୍ୟ ଔଷଧ ଦେଲେ ଓ ଶରୀରରେ ବଳ ଆସିବା ପାଇଁ ଉଷୁମ କ୍ଷୀର ପିଇବାକୁ କହିଲେ ।

### ୨. ଉତ୍ତର କୁହ ଓ ଲେଖ ।

କ) କେଉଁଠାରେ ଆଦ୍ୟାଶାକୁ ଜ୍ୱର ହେଲା ?

.................................................................................................

ଖ) ଶିକ୍ଷୟିତ୍ରୀ କାହିଁକି ଆଦ୍ୟାଶାର ବାପାଙ୍କୁ ଡକାଇଲେ ?

.................................................................................................

ଗ) ବୈଦ୍ୟ ଆଦ୍ୟାଶାକୁ କାହିଁକି କ୍ଷୀର ପିଇବାକୁ କହିଲେ ?

.................................................................................................

ଘ) ଦେହରେ ବଳ ବଢ଼ିବା ପାଇଁ କ'ଣ କ'ଣ ଖାଇବା ଦରକାର ?

.................................................................................................

### ୩. ପଢ଼ ।

ବ୍ୟାଙ୍କରେ ଟଙ୍କା କଲେ ସଞ୍ଚୟ
ଚୋରି ଡକାୟତି ନଥାଏ ଭୟ ।



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର......................

ସପ୍ତାହ-୧୧

# ପାଠ-୬୪

ଦିବସ-୪

୧. ଗୋଲେଇ ଭିତରେ ଦିଆଯାଇଥିବା ଶବ୍ଦର ପ୍ରଥମ ଅକ୍ଷରକୁ ନେଇ ନୂଆ ଶବ୍ଦ ଗଢ଼, ପଢ଼ ଓ ଲେଖ । ଯେପରି–

ସତ୍ୟ + ରଜନୀ → ସର

ନୃତ୍ୟ + ପଳାଶ → ______

କମ୍ପାସ + ପାମ୍ପଡ଼ → ______

ନିତ୍ୟ + ଶରୀର → ______

୨. ଅସଜଡ଼ା ଅକ୍ଷରଗୁଡ଼ିକୁ ସଜାଡ଼ି ଠିକ୍ ଶବ୍ଦ ଗଢ଼, ପଢ଼ ଓ ଲେଖ ।

କନମ୍ପ ................ ସମ୍ପାକ ................ ସାଯ୍ୟହା................

ଦସମ୍ପ ................ ଆସ୍ୟଳ ................ ସାନ୍ୟମା................

୩. ପଢ଼

ବିଦ୍ୟା ଅଟଇ ମହାଧନ
ସଭିଏଁ କର ଉପାର୍ଜନ ।

ଚମ୍ପା ରଖିଛି ରାବିଡ଼ି,
ଧାଡ଼ିରେ ଚାଲୁଛି ପିମ୍ପୁଡ଼ି ।

୪. ପଢ଼ ଓ ଦେଖିଦେଖି ଲେଖ ।

ତୁଲ୍ୟ ...................... ...................... ......................

ମୂଲ୍ୟ ...................... ...................... ......................

ସଂପର୍କ ...................... ...................... ......................

ଭୂମିକମ୍ପ ...................... ...................... ......................

ତମ୍ପସାପ ...................... ...................... ......................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ତାରିଖ.....................

ସପ୍ତାହ-୧୧

# ପାଠ-୬୫

ଦିବସ-୫

## ପୁନରାଲୋଚନା

## ଶ୍ୟାମଳୀ ବିଦ୍ୟାଳୟ ଗଲା

୧. ପଢ଼



ଶ୍ୟାମଳୀ ଖଟରେ ଶୋଇ ଟିଭି ଦେଖୁଥାଏ । ମାଆ କହିଲେ, ଆରେ ସମୟ ହେଲାଣି । ଆଉ କେତେ ଟିଭି ଦେଖିବୁ ? ଠିକ୍ ଏତିକିବେଳକୁ ବିଦ୍ୟୁତ୍ କଟିଗଲା । ଶ୍ୟାମଳୀ ଏଥର ଉଠିଲା । ତରତର ହୋଇ ନଜ କାମ ସାରିଲା । ବହିପତ୍ର ସଜାଡ଼ି ବିଦ୍ୟାଳୟ ଗଲା ।

୨. ଉତ୍ତର କୁହ ଓ ଲେଖ ।

କ) ଶ୍ୟାମଳୀ କେଉଁଠି ଶୋଇ ଥିଲା ?

.....................................................................................

ଖ) ଶ୍ୟାମଳୀ ଶୋଇକି କ'ଣ କରୁଥିଲା ?

.....................................................................................

ଗ) ଶ୍ୟାମଳୀ କାମ ସାରି କୁଆଡ଼େ ଗଲା ?

.....................................................................................

ଘ) ତୁମେ ଟିଭିରେ କ'ଣ ସବୁ ଦେଖିବାକୁ ଭଲ ପାଅ ?

.....................................................................................

୩. ପଢ଼ ।

ଯୋଗ ଓ ବ୍ୟାୟାମ କରିଲେ ନିତ୍ୟ
ନିରୋଗ ରହିବା କଥାଟି ସତ୍ୟ ।



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ତାରିଖ....................

ସପ୍ତାହ-୧୧

# ପାଠ-୬୬

ଦିବସ-୬

## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

### ୧. ପଢ଼

ସତ୍ୟଭାମା ବିଦ୍ୟାଳୟକୁ ଯାଉଥିଲା । ବାଟରେ ତମ୍ପ ସାପଟିଏ ଦେଖି ଡରି ଯାଇ ରଡ଼ିକଲା । ଚମ୍ପକ ବାବୁ ଦୌଡ଼ିକି ଆସିଲେ । ସତ୍ୟଭାମାକୁ ନେଇ ବିଦ୍ୟାଳୟରେ ଛାଡ଼ିଲେ । ଦିଦି ଚମ୍ପକ ବାବୁଙ୍କୁ ଧନ୍ୟବାଦ ଦେଲେ ।

### ୨. ଉତ୍ତର କୁହ ଓ ଲେଖ ।

କ) ସତ୍ୟଭାମା ବାଟରେ କ'ଣ ଦେଖିଲା ?

..........................................................................................

ଖ) ସତ୍ୟଭାମାର ରଡ଼ି ଶୁଣି କିଏ ଆସିଲେ ?

..........................................................................................

ଗ) ଚମ୍ପକ ବାବୁ ସତ୍ୟଭାମାକୁ କେଉଁଠି ଛାଡ଼ିଲେ ?

..........................................................................................

ଘ) ତୁମେ ବାଟରେ ସାପ ଦେଖିଲେ କ'ଣ କର ?

..........................................................................................

### ୩. ଶ୍ରୁତ ଲିଖନ । (ଶିକ୍ଷକ ୪/୫ଟି ଶବ୍ଦ ବିଶିଷ୍ଟ ଗୋଟିଏ ସରଳ ବାକ୍ୟ ଡାକିବେ ।)

..........................................................................................

### ୪. ପଢ଼ ଓ ଦେଖି ଦେଖି ଲେଖ ।

| | |
|---|---|
| କାମ୍ୟ .......................... | ଭୂମିକମ୍ପ .................... |
| ରମ୍ୟ .......................... | ସମ୍ପାଦକ ...................... |
| ସୌମ୍ୟ .......................... | ପିମ୍ପୁଡ଼ି ...................... |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୧୨

# ପାଠ-୬୭

ଦିବସ-୧

## ଦରଜ ଭଲ ହେଲା

୧. ପଢ଼



ମଣ୍ଟୁ ଓ ମିନି ବଗିଚାରେ କାମ କରୁଥିଲେ । ମିନି ଘାସ ବାଛୁଥିଲା । ମଣ୍ଟୁ ପାଣି ଦେଉ ଦେଉ ଝୁଣ୍ଟି ପଡ଼ିଗଲା । ତା'ର ଆଣ୍ଠୁ ମାଡ଼ ହେଲା । ମିନି ମାଆଙ୍କୁ ଡାକିଲା । ମାଆ ଔଷଧ ଲଗାଇ ଦେଲେ । ତା'ର ଆଣ୍ଠୁ ଦରଜ କମିଗଲା ।

୨. ଉତ୍ତର କୁହ ଓ ଲେଖ ।

କ) ମିନି ବଗିଚାରେ କ'ଣ କରୁଥିଲା ?

.................................................................................

ଖ) କାହାର ଆଣ୍ଠୁ ମାଡ଼ ହେଲା ?

.................................................................................

ଗ) ମଣ୍ଟୁକୁ କାହିଁକି ଭଲ ଲାଗିଲା ?

.................................................................................

ଘ) ଖେଳିଲା ବେଳେ ତୁମ ସାଥୀ ପଡ଼ିଗଲେ ତୁମେ କ'ଣ କରିବ ?

.................................................................................

ତାରିଖ....................

ସପ୍ତାହ-୧୨

# ପାଠ-୬୮

ଦିବସ-୨

୧. ଚିତ୍ର ଦେଖି ଖାଲି ଘର ପୂରଣ କର ।

   

ଥ........ ଘ...... ଲ......ନ ଆ.........

୨. ପଢ଼

| | | | | |
|---|---|---|---|---|
| ଘଣ୍ଟା | ଶୁଣ୍ଢି | ନୟନ | ବେଷ୍ଟ | କଣ୍ଠ |
| କଣ୍ଟା | ଗଣ୍ଡି | ଶୟନ | ମେଷ୍ଟ | ଗୁଣ୍ଡ |

୩. ଅକ୍ଷର ଯୋଡ଼ି ଶବ୍ଦ ଗଢ଼, ପଢ଼ ଓ ଲେଖ ?

ଆ + କା + ଶ = ..................... .......................

ପ + ରି + ବେ + ଶ = ..................... .......................

ସ + ର + କା + ର = ..................... .......................

ଜା + ତୀ + ୟ + ତା = ..................... .......................

୪. ତଳେ ଦିଆଯାଇଥିବା ଶବ୍ଦରେ 'ଣ୍ଡ' ଯେଉଁଠି ଅଛି, ତାକୁ ◯ ବୁଲାଅ, 'ଣ୍ଟ' ଯେଉଁଠି ଅଛି ତାକୁ ▭ ବୁଲାଅ ।

ଘଣ୍ଟିକା ଗଣ୍ଡିଲି ପାଣ୍ଡି ଶୁଣ୍ଢି

ଗଣ୍ଡିଆ କଣ୍ଟେଇ ଦେଣ୍ଟା



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ସପ୍ତାହ-୧୨

ପାଠ-୬୯

ଦିବସ-୩

# ବଣରୁ ଆଣିବା ଫୁଲ

୧. ପଢ଼



ବଣକୁ ଯିବା ଫୁଲ ତୋଳିବା
ସଭିଏଁ ମିଶି ବାଣ୍ଟିକି ନେବା
ପାଦରେ ଚପଲ ହାତରେ ବାଡ଼ି
କଣ୍ଟାକୁ ନ ଡରି ଯିବାରେ ମାଡ଼ି
ଫେରିଲେ ଘରକୁ ମାଳ କରିବା
ଘରକୁ ଆମର ସଜାଇ ଦେବା ।

୨. ଉତ୍ତର କୁହ ଓ ଲେଖ ।

କ) ତୁମେ ବଣକୁ କ'ଣ ପାଇଁ ଯାଅ ?

..........................................................................................

ଖ) ବଣରେ କଣ୍ଟା ନ ମାଡ଼ିବା ପାଇଁ କ'ଣ କରିବା ଦରକାର ?

..........................................................................................

ଗ) ତୁମ ଘରକୁ ତୁମେ କିପରି ସଜାଅ ?

..........................................................................................

**ସପ୍ତାହ-୧୨**

# ପାଠ-୭୦

**ଦିବସ-୪**

## ୧. ବନ୍ଧନୀ ମଧ୍ୟରୁ ଶବ୍ଦ ନେଇ ଶୂନ୍ୟସ୍ଥାନ ପୂରଣ କର ।

**(କଣ୍ଟା, ଘାଣ୍ଟ, ଆଣ୍ଟୁ, ଲଣ୍ଠନ)**

(କ) ଜେଜେ ମା ................................ ଧରି ଯାଉଛନ୍ତି ।

(ଖ) ସୀମା ଖେଳିଲା ବେଳେ ........................ମାଡ଼ି ପଡ଼ିଗଲା ।

(ଗ) ରାସ୍ତାରେ .......................ପକାଇବା ଭଲ ନୁହେଁ ।

(ଘ) ସବୁ ପରିବା ମିଶି ..................... ତରକାରି ହୁଏ ।

## ୨. ଅକ୍ଷର ମିଶାଇ ଶବ୍ଦ ଗଢ଼ ଓ ଲେଖ ।




## ୩. ସାରଣୀରୁ ଶବ୍ଦ ଗଢ଼, ପଢ଼ ଓ ଲେଖ । ଯେପରି–

| | | | |
|---|---|---|---|
| କ | ଣ୍ଟା | ମା | ଳ |
| ର | ଘ | ସ | ପ |
| ତ | ଣ୍ଟି | ର | ଶୁ |
| ହା | ତ | ଗ | ଣ୍ଠି |

କଣ୍ଟାମାଳ

................ ................

................ ................

................ ................

## ୪. ପଢ଼

ଘୋ ଘୋ ରାଣୀ
ଆଣ୍ଠୁଏ ଆଣ୍ଠୁଏ ପାଣି
ଘୋ ଘୋ ରାଣୀ
ଅଣ୍ଟେ ଅଣ୍ଟେ ପାଣି ।


ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ତାରିଖ....................

ସପ୍ତାହ-୧୨

# ପାଠ-୭୧

ଦିବସ-୫

## ପୁନରାଲୋଚନା



୧. ପଢ଼ ।

### ଘଣ୍ଟା ମିଳିଲା

ଜେଜେ ବାରିରେ ଫୁଲଗଛ ଲଗାଉଥିଲେ । କଣ୍ଟା ଓ ଅଳିଆସବୁକୁ ସଫା କରୁଥିଲେ । ରୀମା ବାରିକୁ ଗଲା । ଗଛରେ ପାଣି ଦେଲା । ସେଠି ଘଣ୍ଟା ଛାଡ଼ି ଚାଲି ଆସିଲା । ରାତିରେ ରୀମାର ଘଣ୍ଟା କଥା ମନେପଡ଼ିଲା । ଜେଜେଙ୍କ ସହ ସେ ଲଣ୍ଠନ ଧରି ବାରିକୁ ଗଲା । ମନ ଖୁସିରେ ଘଣ୍ଟା ଧରି ଫେରିଲା ।

୨. ଉତ୍ତର କୁହ ଓ ଲେଖ ।

କ) ଜେଜେ ବାରିରେ କ'ଣ ଲଗାଉଥିଲେ ?

................................................................................

ଖ) ରୀମା ବଗିଚାରେ କ'ଣ କଲା ?

................................................................................

ଗ) ଜେଜେ ଓ ରୀମା ଲଣ୍ଠନ ଧରି କ'ଣ ପାଇଁ ବାରିକୁ ଗଲେ ?

................................................................................

ଘ) ତୁମ ଜିନିଷ ହଜିଗଲେ ତୁମେ କ'ଣ କର ?

................................................................................

୩. ଚିତ୍ରର ନାମ ସହ ଚିତ୍ରକୁ ଗାର ଟାଣି ଯୋଡ଼ ଓ ଡାହାଣ ପାଖ ଖାଲି ଜାଗାରେ ଲେଖ ।

କଣ୍ଠ 

ବେଣ୍ଟ 

ଘଣ୍ଟି 

ଝିଣ୍ଟିକା 



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ସପ୍ତାହ-୧୨

# ପାଠ-୭୨

ଦିବସ-୬

## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

## ମାଛ କଣ୍ଟା

୧. ପଢ଼ ।

ମାଆ ମାଛ ଭାଜୁ ଥିଲେ । ବାଦଲ ଆସି ଆଣ୍ଠୁ ମାଡ଼ି ବସିଲା ଓ ଖାଇବାକୁ ମାଗିଲା । ଖାଇବା ବେଳେ ତଣ୍ଟିରେ ମାଛ କଣ୍ଟା ଲାଗିଗଲା । ମା' ତାକୁ ଶୁଖିଲା ଭାତ ଖୁଆଇ ଦେଲେ । କଣ୍ଟାଟି ପେଟକୁ ପଳାଇଲା । ତାକୁ ଆରାମ ଲାଗିଲା ।

୨. ଉତ୍ତର କୁହ ଓ ଲେଖ ।

କ) ମାଆ କ'ଣ କରୁଥିଲେ ?

.............................................................................................

ଖ) ବାଦଲ ତଣ୍ଟିରେ କ'ଣ ଲାଗିଲା ?

.............................................................................................

ଗ) ବାଦଲକୁ କାହିଁକି ଆରାମ ଲାଗିଲା ?

.............................................................................................

ଘ) ତୁମ ତଣ୍ଟିରେ ମାଛକଣ୍ଟା ଲାଗିଲେ କ'ଣ କର ?

.............................................................................................

୩. ଶ୍ରୁତଲିଖନ । (ଶିକ୍ଷକ ୪/୫ଟି ଶବ୍ଦ ବିଶିଷ୍ଟ ଗୋଟିଏ ସରଳ ବାକ୍ୟ ଡାକିବେ ।)

.............................................................................................

୪. ପଢ଼ ।

| | | | | | |
|---|---|---|---|---|---|
| ଅଣ୍ଟି | ଝିଣ୍ଟିକା | ଗଣ୍ଠି | ରେଶମ | ହାତଘଣ୍ଟା | କରତାଳି |
| ତଣ୍ଟି | ଘଣ୍ଟିକା | ପାଣ୍ଠି | ପଶମ | ପେଟକଣ୍ଟା | ବରକୋଳି |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

**୧. ଚିତ୍ର ଦେଖି ଶବ୍ଦ କହ ଓ ଲେଖ ।**









**୨. ଅକ୍ଷରଗୁଡ଼ିକୁ ସଜାଡ଼ି ଶବ୍ଦଟିକୁ ଲେଖ ଓ ପଢ଼ ।**

ଆଣ୍ଟିକ =..................          ଯସଞ୍ଝ =..................

ଣ୍ଡୁଗୁଚି =..................          ର୍ଶଦଆ =..................

ନଳଣ୍ଡୁ =..................          ରାଞ୍ଜପି =..................

**୩. ଅକ୍ଷର ଯୋଡ଼ି ଶବ୍ଦ ଗଢ଼, ପଢ଼ ଓ ଲେଖ ।**

ଐ + ରା + ବ + ତ = .................. ..................

ଅ + ନୁ + କୂ + ଳ = .................. ..................

ନ + ଦୀ + କୂ + ଳ = .................. ..................

ପେ + ନ୍ + ସି + ଲ = .................. ..................

ଦି + ଆ + ସି + ଲି = .................. ..................

**୪. ପଢ଼ ।**

| | | | | | |
|---|---|---|---|---|---|
| ପଲ୍ଲୀ | ସ୍ୱଭାବ | ଆଞ୍ଚଳିକ | ଆଶ୍ୱାସନା | ଶଙ୍ଖୁଆ | ଅମୃତଭଣ୍ଡା |
| ଦିଲ୍ଲୀ | ପ୍ରଭାବ | ସଞ୍ଚାଳକ | ଉପାସନା | ପଙ୍କୁଆ | ପିଆଜ ଶଣ୍ଢୋ |

# ପାଠ-୭୪



## ୧. ଶବ୍ଦ ଗଢ଼, ଲେଖ ଓ ପଢ଼ ।

ପ ଥ ର → [ ]

ଐ ତି ହ → [ ]

ସ ମ୍ପ ର୍କ → [ ]

ପ୍ର ଳ ୟ → [ ]

## ୨. ଅସଜଡ଼ା ବାକ୍ୟକୁ ସଜାଡ଼ି ଲେଖ ।

(କ) ଯାଉଛି ଦେଖା ବାଦଲ ଆକାଶରେ ।

.................................................................................

(ଖ) ବିଲରେ ଧରୁଛି କଙ୍କଡ଼ା ଶଙ୍କର ।

.................................................................................

(ଗ) ଲୋକଠାରୁ ଦୂରେଇ ଅଜଣା ଭଲ ରହିବା ।

.................................................................................

(ଘ) ରଜନୀ ଦେଖିବାକୁ ମେଳା ସର୍କସ ଯାଇଛି ।

.................................................................................

## ୩. ଶେଷ ଅକ୍ଷରକୁ ନେଇ ନୂଆ ଶବ୍ଦ ଲେଖ ।

ମଲମ → ମରିଚ → [ ] → [ ]

[ ] [ ] [ ] [ ]

## ୪. ପଢ଼ ।

କେଁ କଟର ମଟର ଗାଡ଼ି
ଉଡ଼ାଜାହାଜେ ଯିବି ମୁଁ ଉଡ଼ି ।

ସପ୍ତାହ-୧୩

# ପାଠ-୭୫

ଦିବସ-୩

## ୧. ଶବ୍ଦ ଗଢ଼, ଲେଖ ଓ ପଢ଼ । ଯେପରି–




ମୌଳିକ ...........................

........................... ...........................

........................... ...........................

## ୨. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭକୁ ଗାର ଦେଇ ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ମେଘ ବରଷେ | ଛୁକ୍ ଛୁକ୍ |
| ଚଢ଼େଇ ଉଡ଼େ | ଟପ୍ ଟପ୍ |
| ବିଜୁଳି ମାରେ | ଫଡ଼୍ ଫଡ଼୍ |
| ରେଳ ଚାଲେ | ଧପ୍ ଧପ୍ |
| ହାତୀ ଚାଲେ | ଚକ୍ ଚକ୍ |

## ୩. ଚିତ୍ର ଦେଖି ଶବ୍ଦ ଲେଖି ଶୂନ୍ୟ ସ୍ଥାନ ପୂରଣ କର ।

(କ) ......................ମାନେ ଧାଡ଼ି ହୋଇ ଚାଲୁଛନ୍ତି ।



(ଖ) ମୋର ଗୋଟିଏ ସୁନ୍ଦର ................... ଅଛି ।



(ଗ) ରାସ୍ତାରେ ..................... ଯାଉଛି ।



(ଘ) ବଗିଚାରେ ......................ଉଡୁଛି ।



## ୪. ପଢ଼ ।

ମାଆ ଭାଜିଲେ କାଙ୍କଡ଼ ତାକୁ ଦେଖିଲା ମାଙ୍କଡ଼
ଭାରି ତରକା ଶଙ୍ଖ ପୁଷି ମାଛ ନ ଖାଇ ଗଲା ରୁଷି ।



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୧୩

# ପାଠ-୭୬

ଦିବସ-୪

**୧. ମିଶୁ ନଥିବା ଶବ୍ଦ ତଳେ ଗାର ଦିଅ ।**

(କ) ରସଗୋଲା, ଲଡ୍ଡୁ, ପାମ୍ପଡ଼, ଜିଲିପି ।

(ଖ) ଛତା, ଶାଢ଼ୀ, ସାର୍ଟ, ଧୋତି

(ଗ) ଟମାଟୋ, କୋବି, ଗୋଲାପ, ବାଇଗଣ

**୨. ରେଫ୍ ' ´ ' ଓ 'ଲ' ଫଳା ଦିଅ ଓ ଲେଖ ।**

କୋଣାକ ................ ପଲବ ................ ମାଗଶିର .................

କୀଉନ ................. ବେଡ଼ ............... ଲାଲକିଲା ................

**୩. ଏକାଭଳି ଶୁଣାଯାଉଥିବା ଶବ୍ଦଗୁଡ଼ିକ ଗାର ଟାଣି ଯୋଡ଼ ।**

| 'କ' | 'ଖ' |
|---|---|
| ସ୍ଲେଟ | ବିଶ୍ୱାସ |
| ଅଙ୍କ | ଦର୍ପଣ |
| ଗର୍ବ | ପଙ୍କ |
| ଅର୍ପଣ | ପ୍ଲେଟ |
| ନିଶ୍ୱାସ | ଖର୍ବ |

**୪. ପଢ଼ ।**

ଅଦିତି ଆତ ତୋଳିବାକୁ ବଗିଚାକୁ ଗଲା । ହେଲେ ତା' ହାତ ଆତକୁ ପାଇଲା ନାହିଁ । ଶେଷରେ ଦୁଇଟି ଇଟା ରଖି ତା' ଉପରେ ଠିଆ ହେଲା । ଆଙ୍କୁଡ଼ିରେ ଆତ ପାରିଲା । ମିଠା ଆତ ଖାଇ ସେ ଖୁସି ହେଲା ।



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୧୩

# ପାଠ-୭୭

ଦିବସ-୫

## ଲୁଡୁ ଖେଳ

୧. ପଢ଼



ଖରା ଛୁଟି ହୋଇଥାଏ । ସଞ୍ଜିତା ସ୍ୱରୂପ ଲୁଡୁ ପାଲିଟିକୁ ଧରି ବସିପଡ଼ିଲେ । ଖେଳ ଚାଲିଲା । ସ୍ୱରୂପ ଶିଡ଼ି ଚଢ଼ି ଆଗକୁ ମାଡ଼ି ୯୯ରେ ପହଞ୍ଚିଲା । ଠିକ୍ ଏତିକି ବେଳେ ସାପ ଗିଳି ଦେଲା । ସ୍ୱରୂପର ମନ ମଉଳି ଗଲା ।

୨. ଉତ୍ତର କୁହ ଓ ଲେଖ ।

କ) ସ୍ୱରୂପ ଓ ସଞ୍ଜିତା କେଉଁ ଖେଳ ଖେଳୁଥିଲେ ?

..........................................................................................

ଖ) ସ୍ୱରୂପ କେଉଁଠାରେ ପହଞ୍ଚିବା ବେଳକୁ ସାପ ଗିଳି ଦେଲା ?

..........................................................................................

ଗ) ସ୍ୱରୂପର ମନ କାହିଁକି ମଉଳି ଗଲା ?

..........................................................................................

୩. ଟୋକେଇ ଭିତରୁ ଶବ୍ଦ ନେଇ ଶୂନ୍ୟସ୍ଥାନ ପୂରଣ କର ?




(କ) ............... ସାପଟି ହୁଙ୍କାରୁ ମୁଣ୍ଡ କାଢ଼ିଛି ।

(ଖ) ବଗିଚାରେ ................... ଫୁଲ ଫୁଟିଛି ।

(ଗ) ବାପା ସୀମା ପାଇଁ ................... ଆଣିଛନ୍ତି ?

(ଘ) ମିନା ହାତରେ ଗୋଲାପ ................. ଫୁଟିଗଲା ।

(ଙ) ନଦୀଟି ଅଙ୍କା ............... ହୋଇ ବହିଯାଇଛି ।



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ସପ୍ତାହ-୧୩

# ପାଠ-୭୮

ଦିବସ-୬

## ୧. ପଢ଼

ରାକେଶର ମାମୁ ଘର କଣ୍ଣପୁର । ଖରାଛୁଟିରେ ସେ ମାମୁ ଘର ଗାଁକୁ ଗଲା । ଗାଁର ଧାନକ୍ଷେତ, ଗଛଲତା, ପୋଖରୀ ତାକୁ ଭଲ ଲାଗିଲା । ସେ ପୋଖରୀରେ ପହଁରା ଶିଖିଲା । ପୋଖରୀରୁ ମାଛ ଧରିଲା । ଖରାଛୁଟି ତା'ର ଖୁସିରେ କଟିଲା ।

## ୨. ଉତ୍ତର କୁହ ଓ ଲେଖ ।

କ) ରାକେଶର ମାମୁ ଘର କେଉଁଠାରେ ?

..........................................................................................

ଖ) ରାକେଶକୁ ମାମୁ ଘର ଗାଁରେ କ'ଣ ଭଲ ଲାଗିଲା ?

..........................................................................................

ଗ) ମାମୁ ଘରକୁ ଗଲେ ତୁମେ କ'ଣ କର ?

..........................................................................................

## ୩. ଚିତ୍ର ଦେଖି ୨/୩ଟି ବାକ୍ୟ ଲେଖ ।



..............................................

..............................................

..............................................

## ୪. ଶ୍ରୁତଲିଖନ । (ଶିକ୍ଷକ ୬/ ୧୦ଟି ଶବ୍ଦ ବିଶିଷ୍ଟ ଗୋଟିଏ ବା ଦୁଇଟି ବାକ୍ୟ ଡାକିବେ ।)

..........................................................................................

..........................................................................................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

# ଥଣ୍ଡା ଗରମ

## ୧. ପଢ଼ ।

ଦିନେ ଅଜା ନାତି-ନାତୁଣୀଙ୍କୁ ପଚାରିଲେ ପିଲେ, ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟରୁ କିଏ ଗରମ କିଏ ଥଣ୍ଡା ? ଚତୁର ବବୁଲ୍ କହିଲା ଦିନବେଳେ ଗରମ ଲାଗେ ଓ ରାତିରେ ଥଣ୍ଡା ଲାଗେ । ତେଣୁ ସୂର୍ଯ୍ୟ ଗରମ ଓ ଚନ୍ଦ୍ର ଥଣ୍ଡା ।



## ୨. କୁହ ଓ ଲେଖ ।

(କ) ଅଜା ନାତି-ନାତୁଣୀଙ୍କୁ ଡାକି କ'ଣ ପଚାରିଲେ ?

..........................................................................................

(ଖ) ବବୁଲ୍ କ'ଣ ଉତ୍ତର ଦେଲା ?

..........................................................................................

(ଗ) ଯଦି ସୂର୍ଯ୍ୟ ନ ଥାନ୍ତା ଆମର କ'ଣ ଅସୁବିଧା ହୋଇଥାନ୍ତା ?

..........................................................................................

ସପ୍ତାହ-୧୪

## ପାଠ-୮୦

ଦିବସ-୨

### ୧. ଚିତ୍ର ଦେଖି ଖାଲି ଘର ପୂରଣ କର ।

   

ହା.......... ମୁ........ ମେ.......... ଶୁ........

### ୨. ତଳେ ଦିଆଯାଇଥିବା ଅକ୍ଷର ଲଗାଇ ଖାଲିସ୍ଥାନ ପୂରଣ କର ଓ ପଢ଼ ।

(ଣ୍ଡା, ଣ୍ଢେ, ଣ୍ଡୁ, ଣ୍ଢା)

ଏ............ଅ  କ...........ଇ  ମେ.................

ଖ............  ଅ...........  ଗୁ................ଚି

### ୩. ଅକ୍ଷର ଯୋଡ଼ି ଶବ୍ଦ ଗଢ଼, ପଢ଼ ଓ ଲେଖ ।

ପା + ଠ + ଶା + ଳା = ☐ ☐

ରେ + ଳ + ଗା + ଡ଼ି = ☐ ☐

ଘ + ଡ଼ + ଘ + ଡ଼ି = ☐ ☐

ମୌ + ନା + ବ + ତୀ = ☐ ☐

### ୪. ପଢ଼

| | | | | |
|---|---|---|---|---|
| ଅଣ୍ଡା | ମେଣ୍ଢା | ସରପଞ୍ଚ | ମାଣ୍ଡିଆ | କଣ୍ଢେଇ |
| ଭଣ୍ଡା | ଶଣ୍ଢା | ଜନମଞ୍ଚ | ଦଣ୍ଡିଆ | ଭଣ୍ଡେଇ |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ସପ୍ତାହ-୧୪

ପାଠ-୮୧

ଦିବସ-୩

# ପିଆଜ ଶଣ୍ଢାର ମଜା

୧. ପଢ଼ ।



ଦିନେ ପିଆଜ, ପିଆଜ ଶଣ୍ଢାକୁ କହିଲା, ମୋତେ ଖାଇବାକୁ ସମସ୍ତଙ୍କୁ ଭଲ ଲାଗେ । ହେଲେ କାଟିଲା ବେଳେ ଆଖିରୁ ଲୁହ ବହେ ବୋଲି ସମସ୍ତଙ୍କୁ ରାଗ ଲାଗେ । ପିଆଜ ଶଣ୍ଢା କହିଲା, ମୋତେ କାଟିଲା ବେଳେ ଆଖିରୁ ଲୁହ ବୁହେ ନାହିଁ । ପଖାଳ ଭାତରେ ମୋ ଭଜା ଖାଇବାକୁ ମଜା ଲାଗେ ।

୨. କୁହ ଓ ଲେଖ ?

(କ) କାହାକୁ କାଟିଲା ବେଳେ ଆଖିରୁ ଲୁହ ବହେ ?

..........................................................................................

(ଖ) ପିଆଜ ଶଣ୍ଢା, ପିଆଜକୁ କ'ଣ କହିଲା ?

..........................................................................................

(ଗ) ତୁମେ ଆଉ କେଉଁ କେଉଁ ଭଜା ଖାଇବାକୁ ଭଲ ପାଅ ?

..........................................................................................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

୧. ବନ୍ଧନୀ ମଧ୍ୟରୁ ଶବ୍ଦ ନେଇ ବାକ୍ୟ ପୂରଣ କର ।

**(ମେଣ୍ଢା, ଶୁଣ୍ଢ, ଅଣ୍ଡା, ଶଣ୍ଢା)**

(କ) ହାତୀ.................................ହଲାଇ ଚାଲୁଥାଏ ।

(ଖ) .................. ମୁଣ୍ଡଟି ଭାରି ଟାଣ ।

(ଗ) ପିଆଜ ................. ଖାଇବାକୁ ଭଲ ଲାଗେ ।

(ଘ) .................... ଦେହ ପାଇଁ ହିତକର ।

୨. ବାହାର ଅକ୍ଷର ସହ ଗୋଲରେ ଥିବା ଅକ୍ଷର ଯୋଡ଼ି ଶବ୍ଦ ଗଢ଼ ଓ ଲେଖ ।




.................... ...................... ..................... .....................

.................... ...................... ..................... .....................

୩. ସରିବ ଯେଉଁଠି ଆରମ୍ଭ ହେବ ସେଇଠି । ଯେପରି–

କଲମ → ମନ → ନରମ

୪. ଅକ୍ଷର ସଜାଡ଼ି ଠିକ୍ ଶବ୍ଦଟି ଲେଖ ।

ଣ୍ଢେଇକ     ଣ୍ଡକୁଣିପା     ରବାଣ୍ଡା     ଜପିଆଣ୍ଠାଶ

..............     .............     ................     .................

ତାରିଖ....................

ସପ୍ତାହ-୧୪

# ପାଠ-୮୩

ଦିବସ-୫

## ପୁନରାଲୋଚନା

## କଣ୍ଢେଇ ବାହାଘର



### ୧. ପଢ଼

ଡଲି ଓ ରାଲି କଣ୍ଢେଇ ବାହାଘର କଲେ । କଣ୍ଢେଇମାନଙ୍କୁ ସଜାଇଲେ । ସାଥୀମାନଙ୍କୁ ପୁରି, ତରକାରି, ମିଠା, ଛେନାମଣ୍ଡା ଖାଇବାକୁ ଦେଲେ । ଶଙ୍ଖ ବାଜିଲା, ହୁଳହୁଳି ପଡ଼ିଲା । ସମସ୍ତେ ନାଚି ଗାଇ ଖୁସିରେ ଭୋଜି ଖାଇଲେ ।

### ୨. କୁହ ଓ ଲେଖ ।

(କ) ଡଲି ଓ ରାଲି କାହାର ବାହାଘର କଲେ ?

.......................................................................................

(ଖ) ବାହାଘରରେ ସାଥୀମାନଙ୍କୁ କ'ଣ ଖାଇବାକୁ ଦେଲେ ?

.......................................................................................

(ଗ) ତୁମେ କଣ୍ଢେଇ ବାହାଘରରେ କ'ଣ ସବୁ କର ?

.......................................................................................

### ୩. ଶବ୍ଦଗୁଡ଼ିକ ସଜାଡ଼ି ଠିକ୍ ବାକ୍ୟ ପଢ଼ ଓ ଲେଖ ।

(କ) ଅନେକ ବଗିଚାରେ ଅଛି ଫୁଲ ଗଛ ।

.......................................................................................

(ଖ) ମହୁ ଫୁଲରୁ ମହୁମାଛି ଶୋଷି ନିଏ ।

.......................................................................................

(ଗ) ପରିବା ଗୋଟିଏ ଭେଣ୍ଡି ଭଲ ।

.......................................................................................

(ଗ) ସେ ଦେଖିଲା ଜିଲିପି ବଜାରରେ ।

.......................................................................................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର......................

# ପାଠ-୮୪



## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

## ସୁନୀତାର ସପନ

୧. ପଢ଼

ଶୀତଦିନ । ଭାରି ଥଣ୍ଡା ହୋଇଥାଏ । ସୁନୀତା ଘୋଡ଼ି ହୋଇ ଶୋଇଥାଏ । ସେ ସପନ ଦେଖିଲା, ବାଦଲ ପିଠିରେ ବସି ଆକାଶରେ ଉଡୁଛି । ତାରାମାନ ଭିତରେ ହଜିଯାଇଛି । ଆକାଶରୁ ସୁନୀତା ତଳକୁ ଅନାଇଲା । ତା' ମୁଣ୍ଡ ଘୂରିଗଲା । ନିଦରୁ ଉଠି ଦେଖିଲା ବେଳକୁ ସେ ଝାଳରେ ଭିଜି ଯାଇଛି ।

୨. କହ ଓ ଲେଖ ।

(କ) ସୁନୀତା କାହିଁକି ଘୋଡ଼ି ହୋଇ ଶୋଇଥାଏ ?

.....................................................................................

(ଖ) ସୁନୀତା ସପନରେ କ'ଣ ଦେଖିଲା ?

.....................................................................................

(ଗ) ସୁନୀତାର ମୁଣ୍ଡ କାହିଁକି ଘୂରାଇଲା ?

.....................................................................................

୩. ଶ୍ରୁତ ଲିଖନ । (ଶିକ୍ଷକ ୬/ ୧୦ଟି ଶବ୍ଦ ବିଶିଷ୍ଟ ଗୋଟିଏ ବା ଦୁଇଟି ବାକ୍ୟ ଡାକିବେ ।)

.....................................................................................

.....................................................................................

୪. ପଢ଼ ।

| | | | | | |
|---|---|---|---|---|---|
| କୁଣ୍ଡ | କଳାଘୋଡ଼ା | ମେଣ୍ଢା | କୌରବ | ଫୁଲକୁଣ୍ଡ | ଲୁଚକାଳି |
| ମୁଣ୍ଡ | ଧଳାଘୋଡ଼ା | ଶଣ୍ଢା | ଗୌରବ | ମାଛକୁଣ୍ଡ | କରତାଳି |

ସପ୍ତାହ-୧୫

ପାଠ-୮୫

ଦିବସ-୧

# ସଭିଏଁ କରିଲେ ମଜା

୧. ପଢ଼ ।



ଶାନ୍ତିରେ ବସି ଶୁଆ ପକ୍ଷୀଟି ଗାଉଛି କେତେ ଗୀତ
ବାଘ ମାମୁର ଜନମ ଦିନ ଆମେ ସବୁତ ମିତ ।
ଦାନ୍ତ ଦେଖାଇ ପାତି ନାଚଇ ଲାଗୁଛି ତାକୁ ମଜା
ପାତି ଆଗରେ ନଇଁନଇଁକା ଭାଲୁ ବଜାଏ ବାଜା ।

୨. କୁହ ଓ ଲେଖ ।

(କ) ଶୁଆ କ'ଣ କରୁଥିଲା ?

.......................................................................................

(ଖ) କିଏ ବାଜା ବଜାଉଥିଲା ?

.......................................................................................

(ଗ) ମାଙ୍କଡ଼ କ'ଣ କରୁଥିଲା ?

.......................................................................................

(ଘ) ତୁମକୁ କେଉଁ କାମ କରିବାକୁ ଭଲ ଲାଗେ ?

.......................................................................................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୧୫

# ପାଠ-୮୬

ଦିବସ-୨

୧. ଚିତ୍ର ଦେଖି ଖାଲି ଘର ପୂରଣ କର ।



ଯ...........



ଦା............



ତେ................

୨. ଅକ୍ଷର ଯୋଡ଼ି ଶବ୍ଦ ଗଢ଼, ପଢ଼ ଓ ଲେଖ ।

ପୁ + ରୋ + ହି + ତ = .................... ....................

ବି + ପ + ରୀ + ତ = .................... ....................

ପ + ନି + ପ + ରି + ବା = .................... ....................

ପା + ଣି + ଫୋ + ଟ + କା = .................... ....................

୩. ତଳେ ଦିଆଯାଇଥିବା ଶବ୍ଦରେ 'ନ୍ତ' ଯେଉଁଠି ଅଛି ତା' ତଳେ '-----' ଦିଅ ଓ 'ନ୍ଥ' ଥିବା ଶବ୍ଦରେ ◯ ବୁଲାଅ ।

କାନ୍ଥ ମାହୁନ୍ତ ହାଣ୍ଡି ଶାନ୍ତ ଥଣ୍ଟ ତେନ୍ତୁଳି ପେନ୍ଥା

ଗଣ୍ଡିଲି ଚିନ୍ତା ଗ୍ରନ୍ଥ କୁନ୍ତଳା ମନ୍ଥନ ଏଣ୍ଡୁରି ସନ୍ତାନ

୪. ପଢ଼ ।

| | | | | | |
|---|---|---|---|---|---|
| ଯନ୍ତା | ଥଞ୍ଛା | ଦାନ୍ତ | କାନ୍ଥ | ଶୀତଋତୁ | ପ୍ରଶାନ୍ତ |
| ଦନ୍ତା | ପଞ୍ଛା | କାନ୍ତ | ଗ୍ରନ୍ଥ | ପାଳଛତୁ | ସୁଶାନ୍ତ |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ତାରିଖ....................

ସପ୍ତାହ-୧୫

ପାଠ-୮୭

ଦିବସ-୩

# ନୂଆ ପୋଷାକ



## ୧. ପଢ଼ ।

ଜେଜେ ଗଛଲତାକୁ ବହୁତ ଭଲ ପାଆନ୍ତି । ସେ କ୍ଷେତରେ ପନିପରିବା ଚାଷ କରନ୍ତି । ଶାନ୍ତି, ଜେଜେଙ୍କ ସହ ମିଶି ଭେଣ୍ଡି, ଜହ୍ନି ଓ କାକୁଡ଼ି ଲଗାଇଲା । କିଛି ଦିନ ପରେ ପରିବା ହେଲା । ଜେଜେ ପରିବା ବିକିଲେ । ଆଗ ସେହି ପଇସାରେ ଶାନ୍ତି ପାଇଁ ନୂଆ ପୋଷାକ କିଣିଲେ । ଶାନ୍ତି ଖୁସି ହେଲା ।

## ୨. କୁହ ଓ ଲେଖ ।

(କ) ଜେଜେ କ୍ଷେତରେ କ'ଣ ଲଗାନ୍ତି ?

.....................................................................................

(ଖ) ଶାନ୍ତି, ଜେଜେଙ୍କ ସହ ମିଶି କ'ଣ ଲଗାଇଲା ?

.....................................................................................

(ଗ) ଶାନ୍ତି କାହିଁକି ଖୁସି ହେଲା ?

.....................................................................................

(ଘ) ତୁମେ ତୁମ ବାଡ଼ିରେ କ'ଣ ଲଗାଅ ?

.....................................................................................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ତାରିଖ....................

ସପ୍ତାହ-୧୫

# ପାଠ-୮୮

ଦିବସ-୪

**୧. ବନ୍ଧନୀ ମଧ୍ୟରୁ ଶବ୍ଦ ନେଇ ଶୂନ୍ୟସ୍ଥାନ ପୂରଣ କର ।**

**(ଯନ୍ତା, ବାସ୍ନା, ପେନ୍ଥା, ଅଗ୍ନି, ତେନ୍ତୁଳି, ଗ୍ରନ୍ଥ)**

(କ) ମଲ୍ଲି ଫୁଲର ................. ବହୁତ ଭଲ ।

(ଖ) ଗାଁ ମୁଣ୍ଡରେ ବଡ଼ .................. ଗଛଟିଏ ଅଛି ।

(ଗ) ମହାଭାରତ ଏକ .............. ।

(ଘ) ପିଲାମାନେ ମୂଷାକୁ ..............ରେ ଦେଖିଲେ ।

(ଙ) ସମସ୍ତେ .................. ପ୍ରତି ସାବଧାନ ହେବା ଆବଶ୍ୟକ ।

(ଚ) ଗଛରେ ଅଙ୍ଗୁର ..............ରେ ଝୁଲୁଛି ।

**୨. ବାହାର ଘରୁ ଓ ଭିତର ଘରୁ ଅକ୍ଷର ନେଇ ଶବ୍ଦ ଗଢ଼ । ଯେପରି–**




ଅନ୍ତ ________ ________

________ ________

________ ________

________ ________




ଯତ୍ନ ________ ________

________ ________

________ ________

________ ________

**୩. ଅକ୍ଷରଗୁଡ଼ିକ ସଜାଡ଼ି ଶବ୍ଦ ଗଢ଼ ଓ ଲେଖ ।**

| ଅନ୍ତନ | ଲନ୍ତଥ | ମହ୍ନଧା | ସନ୍ନପ୍ର |
|---|---|---|---|
| | | | |
| **ଳିତେନ୍ତୁ** | **ଥନ୍ନାଜଗ** | **ଳିକାଟ୍ଟାଅ** | **ଶିଟ୍ଟପକ୍ଷ୍ୟ** |
| | | | |

**୪. ପଢ଼ ।**

ସମ୍ପଦ କାଳେ ସର୍ବେ ସଖା

ବିପଦେ ନ ଦିଅନ୍ତି ଦେଖା ।



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ତାରିଖ....................

ସପ୍ତାହ-୧୫

# ପାଠ-୮୯

ଦିବସ-୫

## ପୁନରାଲୋଚନା

୧. ପଢ଼ । **ଆକାଶକୁ ଦେଖି ଦେଖେ ସପନ**



ବିଜୁଳି ବେଗରେ ରକେଟ୍ ଚଢ଼ି
ଯାଆନ୍ତି କି ମୁହିଁ ଆକାଶେ ଉଡ଼ି ।
ସୂରୁଯ, କିଇତି ସକାଳୁ ହସେ ।
ଏତେ ଯେ ଆଲୁଅ କେଉଁଠୁ ଆସେ ।
ଡୁବିଲେ ସୁରୁଯ ଅନ୍ଧାର ଦିଶେ
ତାରାମାଳ ସାଥେ ଜହ୍ନ ବି ହସେ ।
ଆକାଶକୁ ଦେଖି ଦେଖେ ସପନ
ଜହ୍ନ ମାମୁ ଘରେ କରେ ଭୋଜନ ।

୨. କୁହ ଓ ଲେଖ ।

(କ) ସକାଳ ହେଲେ କିଏ ହସେ ?

.............................................................................................................

(ଖ) ରାତି ହେଲେ ଆକାଶରେ କିଏ ଦେଖାଯାଏ ?

.............................................................................................................

(ଗ) ତୁମେ ଦେଖିଥିବା ଗୋଟିଏ ସ୍ୱପ୍ନ ବିଷୟରେ ୨ଟି ବାକ୍ୟରେ ଲେଖ ।

.............................................................................................................

.............................................................................................................

(ଘ) ସୂରୁଯ ନ ଥିଲେ ଆମର କି ଅସୁବିଧା ହେବ ?

.............................................................................................................

୩. ବିନ୍ଦୁକୁ ଯୋଡ଼ି ଦେଖ କ'ଣ ପାଇଲ ଓ ଶବ୍ଦଗୁଡ଼ିକ ପଢ଼ି ଲେଖ ।






ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୧୫

# ପାଠ-୯୦

ଦିବସ-୬

## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

୧. ପଢ଼ ।

ଶାନ୍ତନୁ ଭୋଜି ଖାଇ ଆସିଲା । ଘରେ ମାଆ ଅରୁଆ ଅନ୍ନ, ଡାଲ୍‌ମା କରିଥିଲେ । ତାହା ସହିତ ଶାଗ, ଖଟା ଓ କ୍ଷୀରି ହୋଇଥିଲା । ଶାନ୍ତନୁ ଲୋଭରେ ଅଧିକ ଖାଇଦେଲା । କିଛି ସମୟ ପରେ ତା'ର ପେଟ କାଟି ବାନ୍ତି ହେଲା । ତାକୁ ଭାରି ହାଲିଆ ଲାଗିଲା । ମା' ତାକୁ ଔଷଧ ଖାଇବାକୁ ଦେଲେ । କିଛି ସମୟ ପରେ ତାକୁ ଭଲ ଲାଗିଲା । ଶାନ୍ତନୁ ନିଜ ଭୁଲ୍ ବୁଝି ପାରିଲା ।

୨. କୁହ ଓ ଲେଖ ।

(କ) ଘରେ ମାଆ କ'ଣ ସବୁ ରୋଷେଇ କରିଥିଲେ ?

.....................................................................................

(ଖ) ଶାନ୍ତନୁର କାହିଁକି ବାନ୍ତି ହେଲା ?

.....................................................................................

(ଗ) ଶାନ୍ତନୁ ନିଜ ଭୁଲ୍‌ରୁ କ'ଣ ଶିଖିଲା ?

.....................................................................................

୩. ଶ୍ରୁତ ଲିଖନ । (ଶିକ୍ଷକ ୬/ ୧୦ଟି ଶବ୍ଦ ବିଶିଷ୍ଟ ଗୋଟିଏ ବା ଦୁଇଟି ବାକ୍ୟ ଡାକିବେ ।)

.....................................................................................

.....................................................................................

୪. ପଢ଼ ।

| | | | | | |
|---|---|---|---|---|---|
| ସନ୍ତୁ | ମଧ୍ୟାହ୍ନ | କୃଷକ | ଅନନ୍ତ | ଜହ୍ନି | ସ୍ୱପ୍ନ |
| ପାନ୍ଥ | ପ୍ରସନ୍ନ | ମୂଷିକ | ଦିଗନ୍ତ | ଜହ୍ନି | ଭଗ୍ନ |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ତାରିଖ....................

ସପ୍ତାହ-୧୬

# ପାଠ-୯୧

ଦିବସ-୧

# କେନ୍ଦୁପତ୍ରର ଚଦର

## ୧. ପଢ଼ ।



ବଣରେ କେନ୍ଦୁ ଗଛଟିଏ ଥିଲା । ଦୁଇଟି ଭାଲୁଛୁଆ ସବୁଦିନ ସେଠାକୁ କେନ୍ଦୁ ଖାଇବାକୁ ଆସୁଥିଲେ । ଦିନେ ସେମାନେ କେନ୍ଦୁ ଖାଇସାରି ଅନ୍ଧାର ରାତିରେ ଗଛ ତଳେ ଶୋଇପଡ଼ିଲେ । ଗଛ ଉପରେ ପକ୍ଷୀଟିଏ ରହୁଥାଏ । ଭାଲୁଛୁଆ ଦୁଇଟି ଶୀତରେ ଥରୁଥିବାର ସେ ଦେଖିଲା । ତା' ମନରେ ଦୟା ଆସିଲା । ପକ୍ଷୀଟି ଥଣ୍ଟରେ କେନ୍ଦୁ ଗଛର ପତ୍ରଗୁଡ଼ିକୁ ଛିଣ୍ଡାଇ ଭାଲୁଛୁଆଙ୍କ ଉପରେ ପକାଇଲା । ପତ୍ରଗୁଡ଼ିକ ଭାଲୁଛୁଆଙ୍କ ଦେହରେ ଚଦର ପରି ଘୋଡ଼ାଇ ହୋଇଗଲା । ସେମାନେ ଆରାମରେ ଶୋଇଲେ ।

## ୨. କୁହ ଓ ଲେଖ ।

(କ) ଭାଲୁଛୁଆମାନେ ସବୁଦିନ କ'ଣ ଖାଇବାକୁ ଆସୁଥିଲେ ?

........................................................................................

(ଖ) ଗଛ ଉପରେ କିଏ ବସିଥିଲା ?

........................................................................................

(ଗ) ପକ୍ଷୀଟିଏ ଭାଲୁଛୁଆଙ୍କ ଉପରକୁ କ'ଣ ପକାଇଲା ?

........................................................................................

(ଘ) ତୁମକୁ ଶୀତ ଲାଗିଲେ କ'ଣ କର ?

........................................................................................

## ୩. ପଢ଼ ।

୬୦ ସେକେଣ୍ଡ

ଚଗଲା ପାଠ ନ ପଢ଼ି ବାହାରେ ବୁଲୁଥିଲା । ଏତିକିବେଳେ ଚକ୍‌ଚକ୍ ବିଜୁଳି ମାରିଲା । ଚଗଲା ଚମକି ପଡ଼ିଲା । ସେ ଚଟ୍‌କିନା ଘରକୁ ପଶିଗଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ତାରିଖ....................

ସପ୍ତାହ-୧୬

# ପାଠ-୯୨

ଦିବସ-୨

୧. ଚିତ୍ର ଦେଖି ଖାଲି ଘର ପୂରଣ କର ।



ମ.......ର



ଚା......ଆ



ରଜନୀଗ......



କା..........

୨. ପଢ଼ ।

| | | | | |
|---|---|---|---|---|
| ସ୍ୱର୍ଣ୍ଣ ଗନ୍ଧ | ଅନ୍ଧାର | ବନ୍ଦର | ରନ୍ଧାଶାଳ | ନଈବନ୍ଧ |
| ପୂର୍ଣ୍ଣ ବନ୍ଧ | ସିନ୍ଦୂର | ସୁନ୍ଦର | କନ୍ଦମୂଳ | ଜରାସନ୍ଧ |

୩. ଗୋଲ ଭିତରେ ଥିବା ଅକ୍ଷରଗୁଡ଼ିକୁ ବାହାରେ ରହିଥିବା ଶବ୍ଦ ସହ ଗାର ଟାଣି ଯୋଡ଼ ।

କନ୍ଦର     ସନ୍ଦେହ




ବନ୍ଧୁର     ପୂର୍ଣ୍ଣିମା

ଚୂର୍ଣ୍ଣ     ବିନ୍ଧାଣି     ପନ୍ଦର

୪. ସାରଣୀରୁ ଅକ୍ଷର ଯୋଡ଼ି ଶବ୍ଦ ଗଢ଼, ପଢ଼ ଓ ଲେଖ । ଯେପରି–




କନ୍ଦର

.....................     .....................

.....................     .....................

.....................     .....................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

# ପାଠ-୯୩



## ଆମ ବଡ଼ବାପା

### ୧. ପଢ଼



ଚନ୍ଦନ ଓ ସନ୍ଧ୍ୟା ଖେଳୁଥିଲେ । ଚନ୍ଦନ କହିଲା– କାଲି ଆମେ ଗାଁକୁ ଯିବୁ । ସନ୍ଧ୍ୟା ପଚାରିଲା– ଗାଁରେ ତୁମର କିଏ କିଏ ଅଛନ୍ତି ? ଚନ୍ଦନ କହିଲା– ମୋ ବଡ଼ ବାପା, ବଡ଼ ମାଆ ଓ ଆଉ ଦୁଇ ଭାଇଭଉଣୀ ଅଛନ୍ତି । ବଡ଼ ବାପା ଆମ ଘର ମୁରବୀ । ତାଙ୍କୁ ସଭିଏଁ ମାନନ୍ତି । ତାଙ୍କ ଦେହ ଖରାପ । ଆମେ ତାଙ୍କୁ ଦେଖିବାକୁ ଯିବୁ । ସେ ମୋତେ ବହୁତ ଗେହ୍ଲା କରନ୍ତି ।

### ୨. କୁହ ଓ ଲେଖ ।

(କ) ଚନ୍ଦନର ସାଥୀର ନାମ କ'ଣ ?

..........................................

..........................................



(ଖ) କାହାର ଦେହ ଖରାପ ଥିଲା ?

..........................................

..........................................

(ଗ) ଚନ୍ଦନର ଗାଁରେ କେଉଁମାନେ ରହନ୍ତି ?

..........................................

..........................................

(ଘ) ତୁମ ଘରେ କାହାର ଦେହ ଖରାପ ହେଲେ ତୁମେ କ'ଣ କର ?

....................................................................................

### ୩. ପଢ଼

୬୦ ସେକେଣ୍ଡ

କଳକଳ ହୋଇ ପାଣି ବହୁଥାଏ । ପାଣିରେ ମାଛଟିଏ ଖେଳୁଥାଏ । ବଗଟିଏ ତାକୁ ଦେଖିଦେଲା । ବଗ ଖୁସିରେ ମାଛଟିକୁ ଧରି ଉଡ଼ିଗଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

୧. ଅକ୍ଷର ଯୋଡ଼ି ଶବ୍ଦ ଗଢ଼, ପଢ଼ ଓ ଲେଖ ।

| | | | | | | |
|---|---|---|---|---|---|---|
| ବେ | ତ | | | = | .................... | .................... |
| କ୍ଷେ | ତ | | | = | .................... | .................... |
| କ | ପୋ | ତ | | = | .................... | .................... |
| ପୁ | ରୋ | ହି | ତ | = | .................... | .................... |

୨. ଅସଜଡ଼ା ଶବ୍ଦକୁ ସଜାଡ଼ି ଶବ୍ଦ ଗଢ଼ ଓ ଲେଖ ।

ନ୍ଧିସ............ ନ୍ଧୁଅଳ.............. ଗାରୀନ୍ଧା...........

ହିଳନ୍ଦୋ.......... ବକୋନ୍ଧାବି...........ଗନ୍ଧସୁ............

୩. ଶବ୍ଦ ଗୁଡ଼ିକୁ ଠିକ୍ କୋଠରିକୁ ନିଅ । ଯେପରି–

| | | | | | | |
|---|---|---|---|---|---|---|
| ସିନ୍ଧୁ | ସୁବର୍ଣ୍ଣ | ବାନ୍ଧବୀ | ବନ୍ଧନ | ଚାନ୍ଦିନୀ | କେନ୍ଦୁପଲ୍ଲୀ | ବର୍ଣ୍ଣନା |
| ବନ୍ଧୁ | ବର୍ଣ୍ଣ | ମାଧବୀ | ଇନ୍ଧନ | ନନ୍ଦିନୀ | ଚାନ୍ଦବାଲି | କର୍ଣ୍ଣ |

| ନ୍ଦ | ର୍ଣ୍ଣ | ନ୍ଧ |
|---|---|---|
| ଚାନ୍ଦବାଲି | | |

୪. ପଢ଼

ନାଲି ରକତ ନାଲି ମନ୍ଦାର
ମାଆଙ୍କ ମଥାର ନାଲି ସିନ୍ଦୂର ।
ବନ୍ଧୁ ବାନ୍ଧବୀ ଖେଳିବା ଆସ
ଝୁଲାଇବି ମୁହିଁ ଦୋଳିରେ ବସ ।

ତାରିଖ....................

ସପ୍ତାହ-୧୬

# ପାଠ-୯୫

ଦିବସ-୫

## ପୁନରାଲୋଚନା

## ମାଉସୀ ଘର

୧. ପଢ଼



ନନ୍ଦପୁରରେ ଶୁଭେନ୍ଦୁ ଓ ସୁସନ୍ଧ୍ୟାଙ୍କ ମାଉସୀ ଘର । ସେମାନେ ମାଉସୀ ଘରକୁ ଗଲେ । ମାଉସୀ ବହୁତ ଖୁସି ହେଲେ । ସେ କନ୍ଦମୂଳ ଖଟା, ମାଛ ଭଜା, ଡାଲି, କ୍ଷୀରୀ ରାନ୍ଧିଲେ । ସଭିଏଁ ଖୁସିରେ ଖାଇଲେ । ଶୁଭେନ୍ଦୁ ଓ ସୁସନ୍ଧ୍ୟା, ମାଉସୀଙ୍କ ବଗିଚା ଭିତରେ ବୁଲିଲେ । ସେଠାରେ ସେବତୀ, ଚମ୍ପା, ମଲ୍ଲୀ, ମନ୍ଦାର ଆଦି ଫୁଲଗଛ ଦେଖି ଭାରି ଖୁସି ହେଲେ । ଫେରିବା ବେଳେ ମାଉସୀ ମଲ୍ଲୀ ଓ ମନ୍ଦାର ଗଛର ଚାରା ଦେଲେ ।

୨. କୁହ ଓ ଲେଖ ।

(କ) ଶୁଭେନ୍ଦୁ ଓ ସୁସନ୍ଧ୍ୟାଙ୍କ ମାଉସୀ ଘର କେଉଁଠି ?

..............................................................................................

(ଖ) ମାଉସୀ କ'ଣ ରାନ୍ଧିଲେ ?

..............................................................................................

(ଗ) ଶୁଭେନ୍ଦୁ ଓ ସୁସନ୍ଧ୍ୟା ମାଉସୀ ବଗିଚାରେ କ'ଣ ଦେଖିଲେ ?

..............................................................................................

(ଘ) ମାଉସୀ ଘରକୁ ଗଲେ ତୁମେ କ'ଣ କର ?

..............................................................................................

୩. ପଢ଼ ।

ରଜନୀ ଗନ୍ଧାର ବାସ,
ଚହଟଇ ଚଉପାଶ ॥



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ତାରିଖ....................

ସପ୍ତାହ-୧୬

# ପାଠ-୯୬

ଦିବସ-୬

## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

# ଅତି ଲୋଭର ଫଳ

### ୧. ପଢ଼

ସନ୍ଧ୍ୟାର ଗୋଟିଏ ସୁନ୍ଦର ଫୁଲ ବଗିଚା ଥାଏ । ଦିନେ ସେ ବଗିଚାରେ ବୁଲୁବୁଲୁ ପରୀଟିଏ ଆସିଲା । ସେ ତାକୁ ରଜନୀଗନ୍ଧା ଗଛଟିଏ ଦେଲା । କହିଲା– ପ୍ରତିଦିନ ଏହି ଗଛଟି ସୁନା ମୁଦ୍ରାଟିଏ ଦେବ । ସନ୍ଧ୍ୟା ପ୍ରତିଦିନ ଗୋଟିଏ ଲେଖାଏଁ ସୁନାମୁଦ୍ରା ଗଛ ମୂଳରୁ ପାଇଲା । ଦିନେ ସେ ଗଛମୂଳରେ ଅଧିକ ମୁଦ୍ରା ରହିଥିବ ଭାବି ଗଛଟିକୁ ଓପାଡ଼ି ଦେଲା । ଗଛ ମରିଗଲା ସେ କିଛି ବି ପାଇଲାନି । ପରୀଟି ପୁଣି ଥରେ ଆସିଲା । କହିଲା– ଅତି ଲୋଭ କରିବା ଉଚିତ୍ ନୁହେଁ ।

### ୨. ଉତ୍ତର କୁହ ଓ ଲେଖ ।

କ) ପରୀ ସନ୍ଧ୍ୟାକୁ କ'ଣ ଦେଲା ?

.............................................................................................

ଖ) ରଜନୀ ଗନ୍ଧା ଗଛ କ'ଣ ଦେବ ବୋଲି ପରୀ କହିଲା ?

.............................................................................................

ଗ) ଗଛଟି କାହିଁକି ମରିଗଲା ?

.............................................................................................

ଘ) ତୁମେ ସନ୍ଧ୍ୟା ଜାଗାରେ ଥିଲେ କ'ଣ କରିଥାନ୍ତ ?

.............................................................................................

### ୩. ଶ୍ରୁତ ଲିଖନ । (ଶିକ୍ଷକ ୬/ ୧୦ଟି ଶବ୍ଦ ବିଶିଷ୍ଟ ଗୋଟିଏ ବା ଦୁଇଟି ବାକ୍ୟ ଡାକିବେ ।)

.............................................................................................

.............................................................................................

### ୪. ପଢ଼ ଓ ଦେଖି ଦେଖି ଲେଖ ।

ମିଳି ରଖିଥିଲା ଶୁନୁ ପାମ୍ପୁଡ଼ି ......................................................

ଧାଡ଼ି ଲାଗିଥିଲେ ଜହ୍ନା ପିମ୍ପୁଡ଼ି ......................................................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ତାରିଖ....................

ସପ୍ତାହ-୧୭

# ପାଠ-୯୭

ଦିବସ-୧

## ଟିଙ୍ଗିରି

### ୧. ପଢ଼



ଠେକୁଆ ଛୁଆଟି ମା' ସହିତ ବୁଲୁଥିଲା । ମାଆ ପାଖରୁ ଦୂରେଇ ଯାଇ ପାଖ ଗାଁରେ ପହଞ୍ଚିଗଲା । ସେ ବୁଲୁବୁଲୁ ରଶ୍ମିର ବଗିଚା ଭିତରେ ପଶିଗଲା । ଠେକୁଆଟିକୁ ଦେଖି ରଶ୍ମି ଖୁସି ହେଲା । ତାକୁ ଟିଙ୍ଗିରି ବୋଲି ଡାକିଲା । ଚୌକିରେ ବସାଇ ତା' ସହିତ ଖେଳିଲା । ତାକୁ ଉଷୁମ କ୍ଷୀର ପିଇବାକୁ ଦେଲା । ପରଦିନ ଟିଙ୍ଗିରିକୁ ନେଇ ରଶ୍ମି ଜଙ୍ଗଲ ପାଖରେ ଛାଡ଼ିଦେଲା । ଦିନେ ଦିନେ ଟିଙ୍ଗିରି ରଶ୍ମିର ବଗିଚାକୁ ଆସେ । ଦୁହେଁ ସାଙ୍ଗ ହୋଇ ଖେଳନ୍ତି ।

### ୨. ଉତ୍ତର କୁହ ଓ ଲେଖ ।

କ) ଠେକୁଆଟି କାହାର ବଗିଚାକୁ ଆସେ ?

.................................................................................................

ଖ) ରଶ୍ମି ଠେକୁଆ ଛୁଆଟିର କ'ଣ ନାଁ ଦେଲା ?

.................................................................................................

ଗ) ରଶ୍ମି ଠେକୁଆ ଛୁଆକୁ କ'ଣ ପିଇବାକୁ ଦେଲା ?

.................................................................................................

ଘ) ତୁମେ ଠେକୁଆଟିଏ ପାଇଲେ କ'ଣ କରିବ ?

.................................................................................................

### ୩. ପଢ଼ ।

୬୦ ସେକେଣ୍ଡ

ପଇଡ଼ ପାଣି ଦେହକୁ ହିତ । ତା' ଉପରଟା ଟାଣ । ଭିତରଟା ନରମ । ପିଲାବେଳେ ପଇଡ଼ । ବୁଢ଼ାବେଳେ ନଡ଼ିଆ । ନଡ଼ିଆ ଖାଇବାକୁ ବଢ଼ିଆ ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ତାରିଖ...................

ସପ୍ତାହ-୧୭

# ପାଠ-୯୮

ଦିବସ-୨

## ୧. ଚିତ୍ର ଦେଖି ଖାଲି ଘର ପୂରଣ କର ।






ଅ.......ର  କ......ରୁ  ପ.......ଫୁଲ  ମହା.... ଗାନ୍ଧୀ

## ୨. ଅକ୍ଷର ଯୋଡ଼ି ଶବ୍ଦ ଗଢ଼, ପଢ଼ ଓ ଲେଖ ।

ଚା ଷ = .................. ..................

ମେ ଷ = .................. ..................

କେ ଶ = .................. ..................

ଦୂ ବ ଘା ସ = .................. ..................

ପୌ ଷ ମା ସ = .................. ..................

## ୩. ଅସଜଡ଼ା ଅକ୍ଷରଗୁଡ଼ିକୁ ସଜାଡ଼ି ଠିକ୍ ଶବ୍ଦ ଗଢ଼ ଓ ଲେଖ ।

ବାକିଲ୍ମୀ....................  କମରଙ୍ଗା ......................

ଉଦନ୍ମା .......................  ତଙ୍ଗାସ .........................

## ୪. ପଢ଼ ।

| | | | | |
|---|---|---|---|---|
| ରଙ୍ଗ | ସଙ୍ଗ | ଗ୍ରୀଷ୍ମ | ସ୍ମରଣ | ଆୟୁଷ୍ମତୀ |
| ଢଙ୍ଗ | ମଙ୍ଗ | ଭସ୍ମ | ବ୍ରାହ୍ମଣ | ପଦ୍ମାବତୀ |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୧୭

## ପାଠ-୯୯

ଦିବସ-୩

# ଅଙ୍ଗନୱାଡ଼ିରେ ତନ୍ମୟ

୧. ପଢ଼



ଶୁଭାଙ୍ଗିର ସାନଭାଇ ତନ୍ମୟ । ଶୁଭାଙ୍ଗିର ବିଦ୍ୟାଳୟରେ ପୋଷାକ ଓ ଜୋତା ବଣ୍ଟା ଗଲା । ସେ ଦୁଇହଳ ପୋଷାକ, ମୋଜା, ଜୋତା ନେଇ ଖୁସିରେ ନାଚିନାଚି ଘରକୁ ଫେରିଲା । ତନ୍ମୟ ନାନୀର ନୂଆ ପୋଷାକ ଦେଖି କାନ୍ଦିଲା । ମାଆ ତାକୁ ନୂଆ ଜାମା ଦେଲେ, କିନ୍ତୁ ସେ ପିନ୍ଧିଲାନି । ଏତିକିବେଳେ ଅଙ୍ଗନୱାଡ଼ିର ଦିଦି ଘରକୁ ଆସିଲେ । ସେ ମାଆଙ୍କୁ କହିଲେ, ତିନିବର୍ଷ ବୟସରେ ଅଙ୍ଗନୱାଡ଼ି କେନ୍ଦ୍ରରେ ନାମ ଲେଖା ଯାଇ ପାରିବ । ତନ୍ମୟର ନାମ ଲେଖାଇ ଦିଅ । ଦିଦି ତନ୍ମୟକୁ ଗେହ୍ଲା କରି ଅଙ୍ଗନୱାଡ଼ିକୁ ନେଲେ । ସେଇଠି ଗୀତ ଶୁଣି, ନାଚ ଦେଖି ତନ୍ମୟ ଖୁସି ହେଲା । ଦିଦି ନୂଆ ପୋଷାକ ଓ ଜୋତା ଦେଲେ । ତା' ପରଦିନ ଠାରୁ ତନ୍ମୟ ସବୁଦିନ ଅଙ୍ଗନୱାଡ଼ିକୁ ଯାଏ ।

୨. କୁହ ଓ ଲେଖ ।

(କ) ତନ୍ମୟ କାହାର ଭାଇ ?

.....................................................................................

(ଖ) ତନ୍ମୟ କାହିଁକି କାନ୍ଦିଲା ?

.....................................................................................

(ଗ) ତନ୍ମୟକୁ ଅଙ୍ଗନୱାଡ଼ିରେ କ'ଣ ଭଲ ଲାଗିଲା ?

.....................................................................................

(ଘ) ତୁମ ଗାଁ ଅଙ୍ଗନୱାଡ଼ିରେ କ'ଣ ସବୁ ହୁଏ ?

.....................................................................................

୩. ପଢ଼ ।

୬୦ ସେକେଣ୍ଡ

କୁକୁର ବଣକୁ ଗଲା । କୁକୁଡ଼ାଟିଏ ଦେଖିଲା । ତାକୁ ମାଡ଼ି ବସିଲା । ହେଟାବାଘ ଧାଇଁ ଆସିଲା । କୁକୁର ଜୀବନ ବିକଳରେ ପଳାଇ ଗଲା ।

ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ସପ୍ତାହ-୧୭

# ପାଠ-୧୦୦

ଦିବସ-୪

**୧. ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼, ପଢ଼ ଓ ଲେଖ ।**

| | | | |
|---|---|---|---|
| ଗ | ଙ୍ଗା | ବ୍ରା | ଅ |
| ଡ | ବ୍ର | ହ୍ମ | ଙ୍ଗୁ |
| ଙ୍ଗ | ତ | ଣ | ର |

.................. ..................

.................. ..................

.................. ..................

**୨. ଚିତ୍ର ଦେଖି ଖାଲି ଘର ପୂରଣ କର ଓ ବାକ୍ୟଗୁଡ଼ିକୁ ପଢ଼ ।**

(କ) ସାରୁଗଛ ମୂଳେ  ...........................ଟି ବସିଛି ।

(ଖ) ମାଆ  .............................. ତରକାରି କଲେ ।

(ଗ) ପୋଖରୀରେ  ........................... ଫୁଟିଛି ।

(ଘ) ବର୍ଷା ପାଣିରେ ପିଲାମାନେ  ........................ ଭସାଉଛନ୍ତି ।

**୩. ପଢ଼ ।**

କାଉ କଳା ଅଙ୍ଗାର କଳା

କଳା ଆଖିର ଡୋଳା,

ଟଗର ଧଳା ବରଫ ଧଳା

ଗାଈର କ୍ଷୀର ଧଳା ।

**୪. ପଢ଼ ଓ ଦେଖି ଦେଖି ଲେଖ ।**

ତନ୍ମୟ ...................... ............................ ........................

ମୃଣ୍ମୟ ...................... ............................ ........................

ରଙ୍ଗମଞ୍ଚ ...................... ............................ ........................

ଭଙ୍ଗାକାଚ...................... ...................... ........................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

# ପାଠ-୧୦୧



## ପୁନରାଲୋଚନା

### ୧. ପଢ଼

## ଘରକୁ ଫେରିଲା ଗାଈ



ଲବଙ୍ଗପୁର ଗାଁରେ ମଙ୍ଗରାଜ ବାବୁଙ୍କ ଘର । ସେ ଗାଈଟିଏ ପାଳି ଥିଲେ । ପ୍ରତିଦିନ ଗାଈଟି ଚରିବାକୁ ଯାଏ । ଦିନେ ସନ୍ଧ୍ୟାରେ ଗାଈଟି ଘରକୁ ଫେରିଲାନି । ମଙ୍ଗରାଜ ବାବୁ ଗାଈଟିକୁ ଖୋଜିବାକୁ ବାହାରିଲେ । ଏତିକିବେଳେ ଚିନ୍ମୟ ଆସି କହିଲା, ଗାଈଟି ଗାଁ ମଝିରେ ଅଛି । ମଙ୍ଗରାଜ ବାବୁ ଯାଇ ଗାଈଟି ପାଖରେ ପହଞ୍ଚିଲେ । ଗାଈ ପାଖରେ ଛେଳି ଛୁଆଟିଏ ଶୋଇଥିବାର ଦେଖିଲେ । ମଙ୍ଗରାଜ ବାବୁ ଗାଈକୁ ବାନ୍ଧିଲେ । ଘରକୁ ଆଣିଲା ବେଳକୁ ଛେଳିଛୁଆଟି ପଛେପଛେ ଆସି ମେଁ ମେଁ ବୋବାଇଲା । ମଙ୍ଗରାଜବାବୁ ଛେଳିଛୁଆକୁ ନେଇ ତା' ଘରେ ଛାଡ଼ିଲେ । ଗାଈକୁ ଧରି ଘରକୁ ଫେରିଲେ ।

### ୨. କୁହ ଓ ଲେଖ ।

(କ) ମଙ୍ଗରାଜ ବାବୁ କେଉଁ ଗାଁରେ ରହନ୍ତି ?

..........................................................................................

(ଖ) ଗାଈଟି ଗାଁ ମଝିରେ ଥିବା କଥା କିଏ କହିଲା ?

..........................................................................................

(ଗ) ଗାଈଟି ପାଖରେ କିଏ ଶୋଇଥିଲା ?

..........................................................................................

(ଘ) ଛେଳି ଛୁଆଟି ପଛେ ପଛେ କାହିଁକି ଆସିଲା ?

..........................................................................................

### ୩. ପଢ଼

ମୟୂର ଦେହ ରଙ୍ଗ ରଙ୍ଗିଆ

ନଈ କୂଳ ଜମି ସନ୍ତସନ୍ତିଆ ।

କୁହୁକୁହୁ ରାବେ କୋଇଲି ରାଣୀ,

ମାଙ୍କଡ଼ ନାଚୁଛି ଦେଖାଇ ଠାଣି ।

ସପ୍ତାହ-୧୭

# ପାଠ-୧୦୨

ଦିବସ-୬

## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

# କାଠୁରିଆର ସପନ

**୧. ପଢ଼**

ଦିନେ କାଠୁରିଆଟିଏ ଟାଙ୍ଗିଆ ଧରି ଜଙ୍ଗଲକୁ ଗଲା । କିଛି ଡାଳ କାଟୁକାଟୁ ଥକି ଯାଇ ଶୋଇ ପଡ଼ିଲା । ସ୍ୱପ୍ନ ଦେଖିଲା । ଗଛଟି ଲୁହ ଢାଳି ଢାଳି କହିଲା- କାଠୁରିଆ ଭାଇ ମୋତେ କାଟନି । ମୋ ଡାଳ କାଟିଲେ ତୁମକୁ ଛାଇ, ଫଳ, ଅମ୍ଳଜାନ ମିଳିବନି । ବର୍ଷା ହେବନି । ତୁମେ ମୋ ଜୀବନ ରକ୍ଷା କର ତୁମ ଜୀବନ ରକ୍ଷା ହେବ । କାଠୁରିଆର ନିଦ ଭାଙ୍ଗିଗଲା । ଗଛ କାଟିବନି ବୋଲି ଶପଥ ନେଲା ।

**୨. କୁହ ଓ ଲେଖ ।**

(କ) କାଠୁରିଆ କ'ଣ ଧରି ଜଙ୍ଗଲକୁ ଗଲା ?

..........................................................................................

(ଖ) କାଠୁରିଆ ସ୍ୱପ୍ନରେ କ'ଣ ଦେଖିଲା ?

..........................................................................................

(ଗ) କାଠୁରିଆ କ'ଣ ଶପଥ ନେଲା ?

..........................................................................................

(ଘ) ଗଛ ତୁମର କ'ଣ ଉପକାର କରେ ?

..........................................................................................

**୩. ଶ୍ରୁତ ଲିଖନ ।**(ଶିକ୍ଷକ ୬/ ୧୦ଟି ଶବ୍ଦ ବିଶିଷ୍ଟ ଗୋଟିଏ ବା ଦୁଇଟି ବାକ୍ୟ ଡାକିବେ ।)

..........................................................................................

..........................................................................................

**୪. ଅକ୍ଷର ଯୋଡ଼ି ଶବ୍ଦ ଗଢ଼, ପଢ଼ ଓ ଲେଖ । ଯେପରି–**






ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

# ସାଙ୍ଗ ଖାଇଲେ ଆମ୍ବ

୧. ପଢ଼ ।



ଶମ୍ଭୁ ଘରେ ବଡ଼ ଆମ୍ବ ତୋଟା ଥିଲା । ପ୍ରତିଦିନ ସେ ତୋଟାକୁ ଯାଏ ଓ ଆମ୍ବ ତୋଳେ । ଦିନେ ଝଡ଼ ବତାସ ହେଲା । ସବୁ ଆମ୍ବ ଝଡ଼ିଗଲା । ଶମ୍ଭୁ ନିଜ ସାଙ୍ଗମାନଙ୍କୁ ଡାକିଲା । ସମସ୍ତେ ଝଡ଼ି ପଡ଼ିଥିବା ଆମ୍ବ ଆଣି ବାଣ୍ଟି ଖାଇଲେ ।

୨. କୁହ ଓ ଲେଖ ।

(କ) କାହା ଘରେ ଆମ୍ବ ତୋଟା ଥିଲା ?

..........................................................................................

(ଖ) ସବୁ ଆମ୍ବ କାହିଁକି ଝଡ଼ି ଗଲା ?

..........................................................................................

(ଗ) ସାଙ୍ଗମାନେ ଆମ୍ବ ତୋଳି କ'ଣ କଲେ ?

..........................................................................................

(ଘ) ତୁମ ଘରେ ଆମ୍ବକୁ ନେଇ ମାଆ କ'ଣ କରନ୍ତି ?

..........................................................................................

୩. ପଢ଼ ।

୬୦ ସେକେଣ୍ଡ

ଘର ଅଗଣାରେ କାଉଟିଏ କା କା ରାବିଲା । କାଉ ରାବକୁ ଶୁଣି କାବେରୀ ଘରୁ ବାହାରି ଆସିଲା । କାଉକୁ ମୁଠାଏ ଚାଉଳ ଦେଲା । କାଉ ଚାଉଳ ଖାଇ ଖୁସିରେ ଉଡ଼ିଗଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|

ତାରିଖ....................

ସପ୍ତାହ-୧୮

## ପାଠ-୧୦୪

ଦିବସ-୨

### ୧. ଚିତ୍ରର ନାମ ଲେଖ ।

   

................. ................. ................. .................

### ୨. ଅକ୍ଷର ଯୋଡ଼ି ଶବ୍ଦ ଗଢ଼, ପଢ଼ ଓ ଲେଖ ।

| | | | | | | |
|---|---|---|---|---|---|---|
| ମେ | ଳ | ଣ | | = | ................. | ................. |
| ଖେ | ଳ | ଣା | | = | ................. | ................. |
| ମେ | ଧା | ବୀ | | = | ................. | ................. |
| ନ | ଦୀ | କୂ | ଳ | = | ................. | ................. |

### ୩. କୋଠରି ମଧ୍ୟରୁ ଅକ୍ଷର ନିଅ ଓ ଶୂନ୍ୟସ୍ଥାନ ପୂରଣ କର ।

**(ମ୍ବୁ, ମ୍ଭ, ମ୍ବ, ମ୍ଭା, ମ୍ଭୀ)**

କୁ......ଟୁଆ, ଆ............... ଲ.............. କୁ.......ର

ଲେ...... ପୂର୍ଣ୍ଣ କୁ.......... ଆର........... କୁ........ର

### ୪. ପଢ଼ ।

| | | | | | |
|---|---|---|---|---|---|
| ଲମ୍ବା | ଆମ୍ବ | କୁମ୍ଭାର | ଡେଙ୍ଗ | ଅମ୍ବର | ସହାୟକ |
| ତମ୍ବା | ଶିମ୍ବ | ସମ୍ଭାର | ବାଙ୍ଗ | ଶମ୍ବର | ଆବଶ୍ୟକ |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ତାରିଖ....................

ସପ୍ତାହ-୧୮

# ପାଠ-୧୦୫

ଦିବସ-୩

# ମାଠିଆ ଭାଙ୍ଗିଲା



## ୧. ପଢ଼ ।

କୁମ୍ଭାରଟିଏ ମାଠିଆ ଗଢ଼ି ଶୁଖାଇ ଥିଲା । କୁକୁରଟିଏ ଆସି ଗୋଟିଏ ମାଠିଆରେ ମୁଣ୍ଡ ପୂରାଇ ଦେଲା । ତା'ର ମୁଣ୍ଡ ଆଉ ବାହାରିଲା ନାହିଁ । କୁକୁରଟି ଗଡ଼ିବାକୁ ଲାଗିଲା । ସେ ଗଡ଼ି ଗଡ଼ି ଯାଇ ଆମ୍ବ ଗଛ ପାଖରେ ପହଞ୍ଚିଲା । ଏତିକିବେଳେ ଗୋଟିଏ ଆମ୍ବ ମାଠିଆ ଉପରେ ପଡ଼ିଲା । ମାଠିଆ ଭାଙ୍ଗି ଗଲା । କୁକୁର ଧାଇଁକି ପଳାଇଲା ।

## ୨. କୁହ ଓ ଲେଖ ।

(କ) କିଏ ମାଠିଆ ଗଢ଼ି ଶୁଖାଇ ଥିଲା ?

..........................................

..........................................

(ଖ) ମାଠିଆ କାହା ମୁଣ୍ଡରେ ପଶିଗଲା ?

..........................................

..............................................

(ଗ) ମାଠିଆ କାହିଁକି ଭାଙ୍ଗି ଗଲା ?

..........................................................................................

(ଘ) କୁକୁର ମୁଣ୍ଡରୁ ମାଠିଆ ବାହାର କରିବା ପାଇଁ ତୁମେ କ'ଣ କରିଥାନ୍ତି ?

..........................................................................................

## ୩. ପଢ଼

ଚାଳରେ କଖାରୁ ଲତାଟିଏ ମାଡ଼ିଲା । ଲତାରେ କଷି କଖାରୁ ଫଳିଲା । ଧୀରେ ଧୀରେ କଖାରୁ ବଡ଼ ହେଲା । ଦିନେ କଖାରୁଟି ତୋଳାଗଲା । କଖାରୁରେ ଭଲ ତରକାରି ହେଲା ।

୬୦ ସେକେଣ୍ଡ

ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ତାରିଖ....................

ସପ୍ତାହ-୧୮

## ପାଠ-୧୦୬

ଦିବସ-୪

### ୧. ଚିତ୍ର ଦେଖି ଉପଯୁକ୍ତ ଶବ୍ଦ ପୂରଣ କର ।

(କ) ଅତି.............. ଚିପୁଡ଼ିଲେ ପିତା ।



(ଖ) ....................ପାଣିରେ ରହେ ।



(ଗ) .................... ଫଳଟି ଭାରି ସୁଆଦିଆ ।



(ଘ) ଗଛ ଡାଳରେ ................. ବସିଛି ।



### ୨. ସମାନ ଶୁଭୁଥିବା ଶବ୍ଦଗୁଡ଼ିକ ଯୋଡ଼ ।

| 'କ' | 'ଖ' |
|---|---|
| ଯତ୍ନ | ଶେଷ |
| ନିମ୍ବ | ସମ୍ଭାର |
| ଚମ୍ପା | ରତ୍ନ |
| ମେଷ | ଫମ୍ପା |
| କୁମ୍ଭାର | ଶିମ୍ବ |

### ୩. ବାକ୍ୟଗୁଡ଼ିକୁ ସଜାଡ଼ି ଲେଖ ।

(କ) ବଡ଼ ଭୟଙ୍କର ଅଟେ କୁମ୍ଭୀର । .....................................................

(ଖ) କମ୍ବଳ ଅମ୍ବର ଶୋଇଛି ଘୋଡ଼ାଇ । .................................................

(ଗ) ଯାଉଛି ବିକିବାକୁ ହାଣ୍ଡି କୁମ୍ଭାରଟି ବଜାରକୁ । ........................................

(ଘ) ଲମ୍ଫ ସିଂହ ଦେଲା ।.............................................................

### ୪. ପଢ଼ ।

ବାଜା ବଜାଇ ଡମ୍ ଡମ୍
ମୟୂର ନାଚେ ଛମ୍ ଛମ୍
କଳା ବାଦଲ ଥମ୍ ଥମ୍
ଝୁମୁକା ବାଜେ ଝମ୍‌ଝମ୍ ।



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ତାରିଖ....................

ସପ୍ତାହ-୧୮

# ପାଠ-୧୦୭

ଦିବସ-୫

## ପୁନରାଲୋଚନା

# ଗୋଲାପୀ ବେଲୁନ୍

### ୧. ପଢ଼ ।

ରମ୍ପା ମାଆଙ୍କ ସହ ବଜାରକୁ ଗଲା । ବଜାରରେ ବେଲୁନ୍ ବାଲାକୁ ଦେଖିଲା । ସେ ନାଲି, ବାଇଗଣୀ, ହଳଦିଆ ଓ ଗୋଲାପୀ ରଙ୍ଗର ବେଲୁନ୍ ଧରିଥିଲା । ରମ୍ପାକୁ ଗୋଲାପୀ ରଙ୍ଗରେ ବେଲୁନ୍ ଭଲ ଲାଗିଲା । ସେ ନିଜ ପାଇଁ ଗୋଲାପୀ ରଙ୍ଗର ବେଲୁନ୍ କିଣିଲା । ସାନ ଭାଇ ସମ୍ବିତ୍ ପାଇଁ ନାଲି ରଙ୍ଗର ବେଲୁନ୍ କିଣି ଘରକୁ ଫେରିଲା । ବେଲୁନ୍‌କୁ ଦେଖି ସମ୍ବିତ୍ ଖୁସିରେ ନାଚି ଉଠିଲା ?



### ୨. କୁହ ଓ ଲେଖ ।

(କ) ରମ୍ପା କାହା ସହ ବଜାରକୁ ଯାଇଥିଲା ?

.................................................

.................................................

(ଖ) ବେଲୁନ୍ ବାଲା ପାଖରେ କେଉଁ କେଉଁ ରଙ୍ଗର ବେଲୁନ୍ ଥିଲା ?

.................................................

(ଗ) ରମ୍ପା କାହା ପାଇଁ ନାଲି ରଙ୍ଗର ବେଲୁନ୍ କିଣିଲା ?

.................................................

(ଘ) ତୁମେ ମେଳାକୁ ଗଲେ କ'ଣ ସବୁ କିଣ ?

.................................................

### ୩. ବନ୍ଧନୀରୁ ବାକ୍ୟାଂଶ ନେଇ ଖାଲି ସ୍ଥାନ ପୂରଣ କର ।

(କ) ପକ୍ଷୀ ଗଛରେ .................... । (ବସା କରେ, ପାଣି ଦିଏ)

(ଖ) ଗୁରୁଜନଙ୍କ କଥା .................... । (ମାନିବ ନାହିଁ, ମାନି ଚଳିବା)

(ଗ) ଜେଜେଙ୍କ ପାଖରେ ବସି .................... । (ଗପ ଶୁଣିବା, ଲୁଗା ଧୋଇବା)



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ତାରିଖ....................

ସପ୍ତାହ-୧୮

# ପାଠ-୧୦୮

ଦିବସ-୬

## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

## ସମ୍ବର ବଞ୍ଚିଗଲା

୧. ପଢ଼ ।

ପୋଖରୀରେ କୁମ୍ଭୀରଟିଏ ରହୁଥିଲା । ପୋଖରୀକୁ ଯିଏ ପାଣି ପିଇବାକୁ ଆସେ କୁମ୍ଭୀର ତାକୁ ଖାଇ ଦିଏ । ଦିନେ ଶମ୍ବରଟିଏ ପାଣି ପିଇବାକୁ ଆସିଲା । କୁମ୍ଭୀର ପାଣିରେ ଲୁଚିକି ରହିଥିଲା । ପାଖରେ ଥିବା ଗଛଟିରେ କୁମ୍ଭାଟୁଆ ପକ୍ଷୀଟିଏ ବସିଥିଲା । ସେ ସମ୍ବରକୁ ପୋଖରୀକୁ ଯିବା ପାଇଁ ମନା କଲା । ସମ୍ବରଟିଏ ବଞ୍ଚି ଯାଇଥିବାରୁ କୁମ୍ଭାଟୁଆକୁ ଧନ୍ୟବାଦ ଦେଇ ଜଙ୍ଗଲକୁ ପଳାଇଲା ।

୨. କୁହ ଓ ଲେଖ ।

(କ) ପୋଖରୀରେ କିଏ ରହୁଥିଲା ?

..............................................................................

(ଖ) ପୋଖରୀକୁ କିଏ ପାଣି ପିଇବାକୁ ଆସିଥିଲା ?

..............................................................................

(ଗ) ସମ୍ବର କୁମ୍ଭାଟୁଆକୁ କାହିଁକି ଧନ୍ୟବାଦ ଦେଲା ?

..............................................................................

୩. ଶ୍ରୁତ ଲିଖନ । (ଶିକ୍ଷକ ୬/ ୧୦ଟି ଶବ୍ଦ ବିଶିଷ୍ଟ ଗୋଟିଏ ବା ଦୁଇଟି ବାକ୍ୟ ଡାକିବେ ।)

..............................................................................

..............................................................................

୪. ପଢ଼ ।

| | | | | | | |
|---|---|---|---|---|---|---|
| ହେମନ୍ତ | ତମ୍ବୁ | ଡାଳିମ୍ବ | ସକାଳ | କୁମ୍ଭୀର | ବାରମାସ | ବୃକ୍ଷଡ଼ାଳ |
| ବସନ୍ତ | ଶମ୍ଭୁ | ବିଳମ୍ବ | ପଖାଳ | ସମ୍ଭାର | କରଚାଷ | ନଦୀକୂଳ |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ତାରିଖ....................

ସପ୍ତାହ-୧୯

# ପାଠ-୧୦୯

ଦିବସ-୧

# ଜଙ୍ଗଲର ସମ୍ବାଦ

## ୧. ପଢ଼ ।



ଜଙ୍ଗଲରେ ସଭା ହେବା ପାଇଁ ବିଲୁଆ ତମ୍ବୁ ଟାଣିଲା । ସକାଳୁ ସବୁ ପଶୁପକ୍ଷୀ ଆସିଲେ । ବାଘ ମାମୁ ଗମ୍ଭୀର ହୋଇ ବସିଥାଏ । ବାଘ ମାମୁ ଭାଷଣ ଦେଲା । ମଣିଷ ଗଛ କାଟୁଛି । ତାହାକୁ ଜଙ୍ଗଲରେ ପୁରାଇ ଦେବା ନାହିଁ । ଏହି ସମ୍ବାଦ ବଣରେ ଚାରିଆଡ଼େ ପହଞ୍ଚାଇବାକୁ ହେବ । ଭାଲୁ ବାଜାଟିଏ ଧରି ଜଙ୍ଗଲରେ ଖବର ଜଣାଇବାକୁ ବାହାରି ପଡ଼ିଲା ।

## ୨. କୁହ ଓ ଲେଖ ।

(କ) ସଭା ହେବା ପାଇଁ ବିଲୁଆ କ'ଣ ଟାଣିଲା ?

.................................................................................

(ଖ) ବାଘ ମାମୁ ସଭାରେ କ'ଣ କହିଲା ?

.................................................................................

(ଗ) ଜଙ୍ଗଲ କ୍ଷୟ ହେଲେ କ'ଣ ଅସୁବିଧା ହେବ ?

.................................................................................

(ଘ) ଜଙ୍ଗଲ କ୍ଷୟ ନ ହେବା ପାଇଁ ଆମେ କ'ଣ କରିବା ?

.................................................................................

## ୪. ପଢ଼ ।

୬୦ ସେକେଣ୍ଡ

ପ୍ରଜାପତିଟିଏ ଥିଲା । ମାଆ କଥା ମାନୁ ନଥିଲା । ମନଇଚ୍ଛା ଏଣେତେଣେ ବୁଲୁଥିଲା । ଦିନେ ପ୍ରଜାପତି ଫୁଲ ଉପରେ ବସିଥିଲା । ପପୁଲୁ ତାକୁ ଧରିଲା । ପ୍ରଜାପତିକୁ ଧରି ସେ ଖୁସି ହେଲା । ପରେ ସେ ତାହାକୁ ଉଡ଼ାଇ ଦେଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

# ପାଠ-୧୧୦



## ୧. ନାମ କୁହ ଓ ଲେଖ ।






............... ..................... ................. ...................

## ୨. ବନ୍ଧନୀ ମଧ୍ୟରୁ ଅକ୍ଷର ନେଇ ତା'ର ନାମ ପୂରଣ କର ।

(ତ୍ର, ଞ୍ଜ, ମ୍ବ, ନ୍ତ, ମ୍ପ)

ପା........., ଖ.......ଣି, କଦ......, ନେ......, ଅ......ର,

ପି.....ରା, ବ....ଳ, କ......ଳ, ଡା.....ଣ

## ୩. ଅକ୍ଷର ଯୋଡ଼ି ଶବ୍ଦ ଗଢ଼, ପଢ଼ ଓ ଲେଖ ।

ସା ଇ କେ ଲ = ...................... ......................

ତ ର କା ରି = ...................... ......................

ଫୁ ଲ ଗ ଛ = ...................... ......................

ପୌ ଷ ମା ସ = ...................... ......................

## ୪. ପଢ଼ ।

| | | | | | |
|---|---|---|---|---|---|
| କନିଷ୍ଠ | ଡାଳିମ୍ବ | ଓଷ୍ଠ | କୁମ୍ଭାଟୁଆ | ବାଙ୍କ | କଷ୍ଟ |
| ବରିଷ୍ଠ | ବିଳମ୍ବ | ଶ୍ରେଷ୍ଠ | କାଠୁରିଆ | ଲଙ୍କ | ନଷ୍ଟ |

ତାରିଖ....................

ସପ୍ତାହ-୧୯

# ପାଠ-୧୧୧

ଦିବସ-୩

# ଫୁଲ ବଗିଚା

## ୧. ପଢ଼ ।



ଉତ୍ତମା ଘର ପାଖରେ ବଗିଚାଟିଏ ଥିଲା । ବଗିଚାରେ ଅନେକ ସୁନ୍ଦର ଫୁଲ ଫୁଟିଥିଲା । ଚାରିଆଡ଼ ବାସ୍ନାରେ ମହକୁ ଥିଲା । ଫୁଲ ପାଖୁଡ଼ାରେ ପ୍ରଜାପତି ବସିଥିଲେ । ଗୁଣ୍ଡୁଚି ମୂଷା ଗଛ ମୂଳରେ ଦୌଡୁ ଥିଲା । ପ୍ରଜାପତିର ସୁନ୍ଦର ଡେଣା ଦୁଇଟି ଦେଖି ଉତ୍ତମା ଖୁସି ହେଲା । ସଁବାଳୁଆ, 'ପ୍ରଜାପତି' ହୁଏ ବୋଲି ସେ ଶୁଣିଥିଲା । କିନ୍ତୁ ରଙ୍ଗିନ୍ ପ୍ରଜାପତିକୁ ଦେଖି ସେ ବିଶ୍ୱାସ କରିପାରିଲା ନାହିଁ ।

## ୨. କୁହ ଓ ଲେଖ ।

**(କ) ଗଛ ମୂଳରେ କିଏ ଦୌଡୁଥିଲା ?**

.............................................................................................

**(ଖ) ଉତ୍ତମା କ'ଣ ଦେଖି ଖୁସି ହେଲା ?**

.............................................................................................

**(ଗ) ବଗିଚାଟି କାହିଁକି ବାସ୍ନାରେ ମହକୁ ଥିଲା ?**

.............................................................................................

**(ଘ) ଉତ୍ତମା ପରୀ କ'ଣ ବିଶ୍ୱାସ କରିପାରିଲା ନାହିଁ ?**

.............................................................................................

## ୩. ପଢ଼ ।

୬୦ ସେକେଣ୍ଡ

ସପନି ଶାଗ ଆଣିବାକୁ ବଜାରକୁ ଗଲା । ବାଛିବାଛି ଦୁଇବିଡ଼ା ଶାଗ କିଣିଲା । ସପନି ଶାଗକୁ ସାଇକେଲ ପଛରେ ରଖିଦେଲା । ଗାଈଟିଏ ଶାଗତକ ଖାଇ ଦେଲା । ସପନି ଆଁ କରି ଅନାଇଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

୧. ବନ୍ଧନୀ ମଧ୍ୟରେ ଥିବା ଉପଯୁକ୍ତ ଶବ୍ଦ ନେଇ ଶୂନ୍ୟସ୍ଥାନ ପୂରଣ କର ।

(ଟାଙ୍ଗୁଡ଼ି, ସମୁଦ୍ର, ବିଳମ୍ବ, କୁମ୍ଭାର, ଷଷ୍ଠ)

(କ) ଜେଜେ ................. ରେ ପହଞ୍ଚିବାରୁ ଟ୍ରେନ୍ ପାଇଲେ ନାହିଁ ।

(ଖ) ଅନୁଷ୍କା ................. ରେ ଫୁଲ ତୋଳି ରଖିଲା ।

(ଗ) ................ରେ ବଡ଼ ବଡ଼ ଲହଡ଼ି ଉଠେ ।

(ଘ) ................. ହାଣ୍ଡି, ମାଠିଆ ଗଢ଼େ ।

(ଙ) ପଦ୍ମିନୀ ................ ଶ୍ରେଣୀରେ ପଢ଼େ ।

୨. ଅକ୍ଷରଗୁଡ଼ିକୁ ସଜାଡ଼ି ଶବ୍ଦଟିକୁ ଲେଖ ଓ ପଢ଼ ।

| ମ୍ପଳ | ମ୍ପବା | ଳମ୍ବସ | ରମ୍ଭାସ | ରଡ଼ମ୍ବଆ | ନମ୍ଭୋଧସ |
|---|---|---|---|---|---|
| | | | | | |

୩. ଅକ୍ଷରକୁ ଅଲଗା ଅଲଗା କରି ଲେଖ ଓ ପଢ଼ ।

ଲେଖକ = ☐ ☐ ☐

ଏକତା = ☐ ☐ ☐

ପକ୍ଷପାତ = ☐ ☐ ☐ ☐

ପୁରୋହିତ = ☐ ☐ ☐ ☐

୪. ପଢ଼ ।

ମାଛ ଦେଖି ଭଲିଶି
ଆଖି ଗଲା ଝଲସି ।

ମହାନଦୀ ଚିଙ୍ଗୁଡ଼ି
ଖାଇ ମାର ଘୁଙ୍ଗୁଡ଼ି ।

ତାରିଖ.....................

ସପ୍ତାହ-୧୯

# ପାଠ-୧୧୩

ଦିବସ-୫

## ପୁନରାଲୋଚନା

### ୧. ପଢ଼ — କୁକୁଡ଼ା ଭଲ ହେଲା



କୁକୁଡ଼ା ଓ କୁକୁର ଦୁଇ ମିତ । କୁକୁଡ଼ା ସବୁଦିନ କୁକୁର ପାଇଁ ଖାଇବା ଆଣେ । ଦିନେ କୁକୁଡ଼ାକୁ ଜ୍ୱର ହେଲା । ଜ୍ୱରରେ ସେ କମ୍ପିବାକୁ ଲାଗିଲା । ତାକୁ ବହୁତ କଷ୍ଟ ହେଉଥିଲା । କୁକୁର ସେ ଦିନ ଉପାସ ରହିଲା । ପରଦିନ ସେ କୁକୁଡ଼ା ପାଇଁ ଔଷଧ ଓ ଡାଳିମ୍ବ ଆଣିଦେଲା । ଔଷଧ ଖାଇ କୁକୁଡ଼ାର ଜ୍ୱର ଭଲ ହେଲା ।

### ୨. କୁହ ଓ ଲେଖ ।

(କ) କିଏ କୁକୁର ପାଇଁ ଖାଇବାକୁ ଆଣେ ?

.................................................................................................

(ଖ) କୁକୁର କାହିଁକି ଉପାସ ରହିଲା ?

.................................................................................................

(ଗ) କୁକୁଡ଼ା ପାଇଁ କୁକୁର କ'ଣ ଆଣିଲା ?

.................................................................................................

(ଘ) ତୁମ ସାଙ୍ଗର ଦେହ ଖରାପ ହେଲେ ତୁମେ କ'ଣ କରିବ ?

.................................................................................................

### ୪. ତଳ ଚିତ୍ରଗୁଡ଼ିକୁ ଦେଖ ଓ ସେମାନଙ୍କ ପାଇଁ ଧାଡ଼ିଟିଏ ଲେଖ ।

 ________________________________

 ________________________________

 ________________________________

 ________________________________



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

# ପାଠ-୧୧୪

## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

୧. ପଢ଼ ।

### ମୋ ଘର

ଗଛରେ ରହେ ମାଙ୍କଡ଼ ଭାଇ
ପାଣିରେ ରହେ ମାଛ
ଗାତେ ରହନ୍ତି ମୂଷା, ନେଉଳ
ନ ଭାବି ଆଗପଛ ।
ମଣିଷ ଜାତି ରହନ୍ତି ସୁଖେ
ତିଆରି କରି ଘର
ଯିଏ ଯେଉଁଠି ରହିଲେ ଭାଇ
ଘରେ ନଥାଏ ଡର ।

୨. କୁହ ଓ ଲେଖ ।

(କ) ପାଣିରେ କିଏ ରହେ ?

..........................................................................................

(ଖ) କେଉଁମାନେ ଗାତରେ ରହନ୍ତି ?

..........................................................................................

(ଗ) ସିଂହ କେଉଁଠି ରହେ ?

..........................................................................................

(ଘ) ଘର ନଥିଲେ ଆମର କି କି ଅସୁବିଧା ହେବ ?

..........................................................................................

୩. ଶ୍ରୁତ ଲିଖନ । (ଶିକ୍ଷକ ୬/ ୧୦ଟି ଶବ୍ଦ ବିଶିଷ୍ଟ ଗୋଟିଏ ବା ଦୁଇଟି ବାକ୍ୟ ଡାକିବେ ।)

..........................................................................................

..........................................................................................

୪. ପଢ଼ ।

| | | | | | |
|---|---|---|---|---|---|
| ରକେଟ୍ | କମ୍ବଳ | ସମ୍ବାଦ | ସମ୍ଭବ | ପରିଷ୍କାର | ଉତ୍ତାପ |
| ଟିକେଟ୍ | ସମ୍ବଳ | ଅଙ୍ଗଦ | ଦୁର୍ଲଭ | ଆବିଷ୍କାର | ସମାପ୍ତ |

ସପ୍ତାହ-୨୦

# ପାଠ-୧୧୫

ଦିବସ-୧

## ୧. ପଢ଼ ।



କଣ୍ଟିଆପଡ଼ା ଗାଁରେ ବଶିଷ୍ଠ ବାବୁଙ୍କ ଘର । ଘରଠାରୁ ଖଣ୍ଡେ ଦୂରରେ ତାଙ୍କର ଜମି ଅଛି । ସେହି ଜମି ପାଖରେ ପୋଖରୀଟିଏ ଅଛି । ପୋଖରୀରେ ପଦ୍ମଫୁଲ ଫୁଟି ବହୁତ ସୁନ୍ଦର ଦେଖାଯାଏ । ଜମିରେ କୁଡ଼ିଆଟିଏ ଅଛି । ବଶିଷ୍ଠ ବାବୁ ଖରାବେଳେ ସେଠାକୁ ଯାଇ ବିଶ୍ରାମ ନିଅନ୍ତି । କ୍ଷେତରେ ଭେଣ୍ଡି, ଅମୃତଭଣ୍ଡା, ଶିମ୍ଭ, ବନ୍ଧାକୋବି ଲଗାଇଛନ୍ତି । ପରିବା ସବୁ ଅଖାରେ ବାନ୍ଧି ହାଟକୁ ବିକ୍ରି ପାଇଁ ନିଅନ୍ତି ।

## ୨. କୁହ ଓ ଲେଖ ।

(କ) ବଶିଷ୍ଠ ବାବୁଙ୍କ ଘର କେଉଁଠାରେ ?

.............................................................................................

(ଖ) ସେ କ୍ଷେତରେ କ'ଣ କ'ଣ ପରିବା ଲଗାଇଛନ୍ତି ?

.............................................................................................

(ଗ) ବଶିଷ୍ଠ ବାବୁ ପରିବା ସବୁ ଅଖାରେ ବାନ୍ଧି କେଉଁଠାକୁ ନିଅନ୍ତି ?

.............................................................................................

(ଘ) ଫସଲ କେଉଁମାନେ ନଷ୍ଟ କରନ୍ତି ?

.............................................................................................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

୧. ଚିତ୍ର ଦେଖି କୁହ ଓ ଲେଖ ।











୨. ଶବ୍ଦଗୁଡ଼ିକ ପଢ଼ । ଯୁକ୍ତାକ୍ଷର ଓ ଫଳାଥିବା ଅକ୍ଷରଗୁଡ଼ିକୁ ବାଛି ଗୋଲ ଭିତରେ ଲେଖ । ଯେପରି–

| କଳିଙ୍ଗ | ଦ୍ୱୀପ | ପ୍ରଥମ | ଉତ୍ତର | ବେଷ୍ଟ |
|---|---|---|---|---|
| ଙ୍ଗ | | | | |
| ପିମ୍ପୁଡ଼ି | କାଞ୍ଚନ | ଗାଣ୍ଠିଆ | ଆନନ୍ଦ | ଶଙ୍ଖାରି |
| | | | | |

୩. ପ୍ରଜାପତିର ଦୁଇଡେଣାରୁ ଅକ୍ଷର ନେଇ ମଝି ଅକ୍ଷର ସହ ମିଶାଇ ଶବ୍ଦ ଗଢ଼ ଓ ଲେଖ । ଯେପରି–

ଲଣ୍ଡନ ................. ...................

...................... ......................

...................... ......................

...................... ......................




୪. ପଢ଼ ।

| | | | | | | | |
|---|---|---|---|---|---|---|---|
| ଅଶ୍ୱ | ଚିଙ୍ଗୁଡ଼ି | ଭୀଷ୍ମ | ଅଣ୍ଡା | ସୃଷ୍ଟି | ବିଭିନ୍ନ | ପୁଷ୍କରିଣୀ | କାଞ୍ଚନଫୁଲ |
| ବିଶ୍ୱ | ଘୁଙ୍ଗୁଡ଼ି | ଉଷ୍ମ | ଗେଣ୍ଡା | ବୃଷ୍ଟି | ପ୍ରସନ୍ନ | ବୈତରଣୀ | ରଙ୍ଗଣୀଫୁଲ |

## ୧. ପଢ଼ ।

ଦେବଦତ୍ତ ମେଳାକୁ ଯାଇଥିଲା । ଠେଲାଗାଡ଼ିରୁ ପକୁଡ଼ି, ସିଙ୍ଗଡ଼ା କିଣି ଖାଇଲା । ଘରକୁ ଆସି ଶୋଇଗଲା । ରାତିରେ ତାର ବାନ୍ତି ହେଲା । ବାପା ଔଷଧ ଆଣି ଦେଲେ । ଖୋଲାରେ ଥିବା ଖାଇବା ଜିନିଷ ନ ଖାଇବାକୁ କହିଲେ । ଖାଇବା ଆଗରୁ ହାତ ଧୋଇବାକୁ ବୁଝାଇଲେ । ସେହିଦିନଠାରୁ ଦେବଦତ୍ତ ଏସବୁ କଥା ମାନି ଚଳିଲା ।

## ୨. କୁହ ଓ ଲେଖ ।

(କ) ଦେବଦତ୍ତ ମେଳାରୁ କ'ଣ କିଣି ଖାଇଲା ?

.......................................................................................

(ଖ) ଦେବଦତ୍ତର ବାନ୍ତି କାହିଁକି ହେଲା ?

.......................................................................................

(ଗ) ବାପା ଦେବଦତ୍ତକୁ କ'ଣ ବୁଝାଇଲେ ?

.......................................................................................

(ଘ) ଖାଇବା ପୂର୍ବରୁ ହାତ ନ ଧୋଇଲେ ଆମର କି ଅସୁବିଧା ହେବ ?

.......................................................................................

## ୩. ପଢ଼ ।

ମଧ୍ୟାହ୍ନ ଭୋଜନ ଖାଇବା ମିତ ।
ଆସ ଆସ ଆଗ ଧୋଇବା ହାତ ।



ସପ୍ତାହ-୨୦

# ପାଠ-୧୧୮

ଦିବସ-୪

**୧. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ନେଇ ଶୂନ୍ୟସ୍ଥାନ ପୂରଣ କର।**

**(ଚିତ୍ର, ମଲ୍ଲୀ, ସୁନ୍ଦର, ଏଣ୍ଡୁଅ, ବସନ୍ତ, ବାମ୍ଫ)**

(କ) ଖରାଦିନେ ............... ଫୁଲ ଫୁଟେ।

(ଖ) ପିଲାଟି ............... ଆଙ୍କୁଛି।

(ଗ) ................ ଋତୁରେ କୋଇଲି ଗୀତ ଗାଏ।

(ଘ) ................ଟି ଗଛରେ ବସିଛି।

(ଙ) ହାଣ୍ଡିରୁ ................. ବାହାରୁଛି।

(ଚ) ଇନ୍ଦ୍ରଧନୁ ପଡ଼ିଲେ ଆକାଶ ................. ଦିଶେ।

**୨. ଶେଷ ଅକ୍ଷରକୁ ନେଇ ନୂଆ ଶବ୍ଦ ଗଢ଼ ଓ ଲେଖ। ଯେପରି–**

| | | | | | | | | |
|---|---|---|---|---|---|---|---|---|
| ଫସଲ | → | ଲଣ୍ଠନ | → | | → | | → | |
| | | | | | | | | |

| 'କ' | 'ଖ' |
|---|---|
| ଲମ୍ବ | ବନ୍ୟା |
| ପନ୍ଦର | ବନ୍ଦର |
| କଷ୍ଟ | ଗଞ୍ଜା |
| କନ୍ୟା | ଧର୍ମ |
| ମଞ୍ଜା | ଖମ୍ବ |
| କର୍ମ | ନଷ୍ଟ |

**୪. ପଢ଼**

ଯେତେବେଳେ ଦେଶେ ବିପଦ ଆସେ
ସୈନିକ ପହଞ୍ଚେ ଆମରି ପାଶେ।
ବନ୍ୟା, ବାତ୍ୟା, ଅବା ଭୂମିକମ୍ପରେ
ଉଦ୍ଧାରି ଆମକୁ ନିଜର କରେ।



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୨୦

# ପାଠ-୧୧୯

ଦିବସ-୫

୧. ଚିତ୍ର ଦେଖି ଚାରିଟି ବାକ୍ୟ ଲେଖ ।



................................................

................................................

................................................

................................................

................................................................................

୨. ବାଘ ଆମର ଜାତୀୟ ପଶୁ । ସେହିପରି ଆଉ କାହାକୁ ଜାତୀୟ ମାନ୍ୟତା ମିଳିଛି । ତାହାକୁ ଗୋଲେଇ ଭିତରୁ ବାଛି ସଜାଡ଼ି ଲେଖ ।

ଆମ୍ବ, ନଡ଼ିଆ, ତ୍ରିରଙ୍ଗା ପତାକା, ମୟୂର, ଲାଲ ପତାକା, ଗୋଲାପ, ଜନଗଣ ମନ ଅଧିନାୟକ, ପଦ୍ମ, ହଂସ, ସାରେ ଜାହାଁ ସେ ଅଚ୍ଛା....

ଜାତୀୟ ପକ୍ଷୀ ....................................

ଜାତୀୟ ଫୁଲ ....................................

ଜାତୀୟ ପତାକା ....................................

ଜାତୀୟ ଫଳ ....................................

ଜାତୀୟ ସଙ୍ଗୀତ ....................................

୩. ମୋ ଆଗରେ 'ଅ' ଲଗାଇ ନୂଆ ଶବ୍ଦଟିକୁ ଗଢ଼ ଓ ଲେଖ । ଯେପରି–

| | | | |
|---|---|---|---|
| ସୁନ୍ଦର | ଅସୁନ୍ଦର | ସନ୍ତୁଷ୍ଟ | ............... |
| ବାଟ | ............... | ପବିତ୍ର | ............... |
| ମଣିଷ | ............... | ଶାନ୍ତି | ............... |
| ଭାବ | ............... | ସଭ୍ୟ | ............... |

୪. କୋଠରି ଭିତରେ କେତେକ ଜୀବଙ୍କ ନାମ ଲେଖାଯାଇଛି । ସେମାନଙ୍କ ମଧ୍ୟରୁ କେଉଁମାନେ ଘରେ ରହନ୍ତି ଓ କେଉଁମାନେ ଜଙ୍ଗଲରେ ରହନ୍ତି ଲେଖ ।

| ବାଘ, ମେଣ୍ଢା, ହରିଣ, ସିଂହ ସମ୍ବର, କୁକୁର, ବିଲେଇ, ଗାଈ | ଘରେ ରହୁଥିବା ପଶୁ | ଜଙ୍ଗଲରେ ରହୁଥିବା ପଶୁ |
|---|---|---|
| | | |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

୧. କାହାର କାହା ସହିତ ସମ୍ପର୍କ ଅଛି ଗାର ଟାଣି ଦେଖାଅ ।

| | |
|---|---|
| ଗଣ୍ଣୁଗୁଣ୍ଣୁ | ହସ |
| ମହମହ | କାକର |
| ସୁଲୁସୁଲୁ | ମହୁମାଛି |
| କୁଲୁକୁଲୁ | ବାସ |
| ଭିଜାଭିଜା | ପବନ |

୨. ସାରଣୀରୁ ଅକ୍ଷର ଯୋଡ଼ି ଶବ୍ଦ ଗଢ଼, ପଢ଼ ଓ ଲେଖ ।

| | | | | |
|---|---|---|---|---|
| ଅ | ଖ | ବ୍ର | ତ | ଶ |
| ଙ୍ଗୁ | ବ୍ରା | ହ୍ମ | ଶ | ଙ୍ଖା |
| ର | ତ୍ନ | ଅ | ର୍ପ | ଣ |
| ଶ | ଶା | ଙ୍କ | ଦା | ନ୍ତ |

ଯେପରି ବ୍ରତ ............... .................
............... ................. .................
............... ................. .................
............... ................. .................

୩. ବିପରୀତ ଶବ୍ଦ ଡାହାଣ ପାଖ ଗୋଳେଇରୁ ଆଣି ଲେଖ ।

| | |
|---|---|
| ଦୁଷ୍ଟ | ପାଖ |
| ବିକା | ଶିଷ୍ଟ |
| ଲାଭ | ନିନ୍ଦା |
| ପ୍ରଶଂସା | କିଣା |
| ଦୂର | କ୍ଷତି |

୪. ଶ୍ରୁତଲିଖନ । (ଶିକ୍ଷକ ୬/ ୧୦ଟି ଶବ୍ଦ ବିଶିଷ୍ଟ ଗୋଟିଏ ବା ଦୁଇଟି ବାକ୍ୟ ଡାକିବେ ।)

.......................................................................................................

.......................................................................................................

୫. ପଢ଼ ।

ସୁମନ ସୁମତୀ ଲାଗିଲେ କଳି
ଗୋଲୁ ମୋଲୁ ଦୁହେଁ ମାରିଲେ ତାଳି
ଶୀତଲ୍ କହିଲା ନାହିଁରେ ଭାଇ
ଶାନ୍ତ ହୁଅ କଳି କରିବା ନାହିଁ ।

ତାରିଖ....................

ସପ୍ତାହ-୨୧

## ପାଠ-୧୨୧

ଦିବସ-୧

# ଝିଣ୍ଟିକା ଗୋଡ଼ରେ କଣ୍ଟା

### ୧. ପଢ଼ ।



ଝିଣ୍ଟିକାଟିଏ ଘାସ ଉପରେ ଡେଇଁ ଡେଇଁ ବୁଲୁଥାଏ । ହଠାତ୍ କଣ୍ଟାଟିଏ ବାଜି ତା' ଗୋଡ଼ରେ ଆଘାତ ଲାଗିଲା । ତାକୁ ଭାରି କଷ୍ଟ ହେଲା । ସେ ରଡ଼ିଛାଡ଼ି କାନ୍ଦିଲା । ଝିଣ୍ଟିକାର ରଡ଼ି ଶୁଣି ପ୍ରଜାପତିଟିଏ ଆସିଲା । ଝିଣ୍ଟିକାର କଷ୍ଟ ଦେଖି ସେ ସହି ପାରିଲାନି । ସେ କିଛି ଫୁଲ ରସ ଆଣିଲା । ଝିଣ୍ଟିକାର କ୍ଷତରେ ଲଗାଇଦେଲା । ଝିଣ୍ଟିକାର କଷ୍ଟ ଦୂର ହେଲା । ସେହି ଦିନଠାରୁ ଝିଣ୍ଟିକା ଓ ପ୍ରଜାପତି ସାଙ୍ଗ ହେଲେ ।

### ୨. କୁହ ଓ ଲେଖ ।

**(କ) ଝିଣ୍ଟିକାର ଗୋଡ଼ରେ କ'ଣ ବାଜି ଆଘାତ ଲାଗିଲା ?**

.................................................................................................

**(ଖ) ଝିଣ୍ଟିକାର କାନ୍ଦ ଶୁଣି କିଏ ଆସିଲା ?**

.................................................................................................

**(ଗ) ଝିଣ୍ଟିକାର କ୍ଷତରେ କିଏ ଫୁଲରସ ଆଣି ଲଗାଇଲା ?**

.................................................................................................

**(ଘ) ତୁମ ସାଙ୍ଗକୁ ଆଘାତ ଲାଗିଲେ ତୁମେ କ'ଣ କର ?**

.................................................................................................

### ୪. ପଢ଼ ।

୬୦ ସେକେଣ୍ଡ

ଜାଲରେ ମାଛଟିଏ ପଡ଼ିଲା । ମାଛ ବିକଳରେ ଛଟପଟ ହେଉଥାଏ । ମାଛକୁ ଦେଖି ଛବି ମନରେ କଷ୍ଟ ହେଲା । ଛବି ମାଛକୁ ପାଣିରେ ଛାଡ଼ିଦେଲା । ମାଛଟି ଛାତି ଫୁଲେଇ ଖୁସିରେ ପାଣି ଛାଟି ଚାଲିଗଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ସପ୍ତାହ-୨୧

# ପାଠ-୧୨୨

ଦିବସ-୨

**୧. ଚିତ୍ର ଦେଖି ଖାଲି ଜାଗା ପୂରଣ କର ।**






ପୋ....କାର୍ଡ୍    ମୁ.....    ଓ......    ବା.......

**୨. ଅକ୍ଷର ଯୋଡ଼ି ଶବ୍ଦ ଗଢ଼, ପଢ଼ ଓ ଲେଖ ।**

ପ କ୍ଷୀ → ..................... .....................

ରା କ୍ଷୀ → ..................... .....................

ବୈ ଶା ଖୀ → ..................... .....................

ଦେ ହ ର କ୍ଷୀ → ..................... .....................

**୩. ଗୋଲେଇ ଦୁଇଟି ଭିତରୁ ଏକାପରି ଶୁଭୁଥିବା ଶବ୍ଦକୁ ଗାଣ ଟାଣି ଯୋଡ଼ । ଯେପରି–**




**୪. ପଢ଼**

| | | | | |
|---|---|---|---|---|
| ଅଷ୍ଟମୀ | ବଳିଷ୍ଠ | ଶ୍ରେଷ୍ଠ | ଅନିଷ୍ଟ | ପୁଷ୍ଟିସାର |
| ଦୁଷ୍ଟାମି | କନିଷ୍ଠ | ଜ୍ୟେଷ୍ଠ | ଯଥେଷ୍ଟ | କଷ୍ଟକର |


ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ତାରିଖ...................

ସପ୍ତାହ-୨୧

# ପାଠ-୧୨୩

ଦିବସ-୩

# ମାଇଁ କରିଥିଲେ ମିଠା

## ୧. ପଢ଼ ।



ଶର୍ମିଷ୍ଠାର ମାମୁଘର କୋରାପୁଟରେ । ସେ ମାଆ ସହ ରେଳରେ ବସି କୋରାପୁଟ ଗଲା । ଷ୍ଟେସନକୁ ମାମୁ ଆସିଥିଲେ । ସେମାନେ ମାମୁଙ୍କ ସହିତ ଘରକୁ ଗଲେ । ମାଇଁ ବହୁତ ପ୍ରକାର ମିଷ୍ଟାନ୍ନ ତିଆରି କରିଥିଲେ । ସେମାନେ ଖୁସିରେ ଖାଇଲେ । ମାମୁଙ୍କ ପୁଅ ଶୁଭମ୍ ସହ ବଗିଚା ଭିତରକୁ ଗଲେ । ବଗିଚାରେ ମାମୁ ଗଛ ଲଗାଉଥିଲେ । ଶର୍ମିଷ୍ଠା ମାମୁଙ୍କୁ କାମରେ ସାହାଯ୍ୟ କଲା ।

## ୨. କୁହ ଓ ଲେଖ ।

**(କ) ଶର୍ମିଷ୍ଠାର ମାମୁ ଘର କେଉଁଠି ?**

.................................................................................................

**(ଖ) ଶର୍ମିଷ୍ଠା କେଉଁଥିରେ ବସି ମାମୁ ଘରକୁ ଗଲା ?**

.................................................................................................

**(ଗ) ମାମୁଙ୍କ ପୁଅର ନାମ କ'ଣ ?**

.................................................................................................

**(ଘ) ତୁମେ ମାମୁ ଘରକୁ କେଉଁଥିରେ ଯାଅ ?**

.................................................................................................

## ୩. ପଢ଼ ।

୬୦ ସେକେଣ୍ଡ

ଆଲୋକ ଚାଲି ଚାଲି ହାଲିଆ ହୋଇପଡ଼ିଥାଏ । ତାକୁ ଭୋକ ଲାଗୁଥାଏ । ବାଟରେ ସେ ଆମ୍ବ ଗଛଟିଏ ଦେଖିଲା । ପାଚିଲା ଆମ୍ବ ଦେଖି ଖାଇବାକୁ ମନକଲା । ଆଲୋକରେ ମନକଥା ଆମ୍ବ ଗଛ ବୁଝିପାରିଲା । ଧଡ଼୍ କରି ଆମ୍ବ ଝଡ଼ିଲା । ଆଲୋକ ଆମ୍ବ ଖାଇ ଖୁସି ହେଲା ।

ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୨୧

# ପାଠ-୧୨୪

ଦିବସ-୪

୧. ଅକ୍ଷର ଯୋଡ଼ି ଶବ୍ଦ ଗଢ଼, ପଢ଼ ଓ ଲେଖ । ଯେପରି–




୨. ଅସଜଡ଼ା ଶବ୍ଦଗୁଡ଼ିକୁ ସଜାଡ଼ି ଠିକ୍ ଶବ୍ଦ ଲେଖ ।

ଷ୍ଠାନି ........................ ପୁରସାଷ୍ଟି ........................

ଷ୍ଟାଚେ ........................ ସଷ୍ଟିମ ........................

ରପରସ୍ପ ........................ ଳଷ୍ଟନି ........................

୩. ପଢ଼ ।

ମଧୁର କୋମଳ ବଚନ,
କହି ତୋଷିବ ଜନ ମନ ॥

ନ ହୋଇ ନିଷ୍ଠୁର ଦୟାଳୁ ହୋଇ,
ହସି ହସେଇବା କଷ୍ଟ ନ ଦେଇ ॥

୪. ପଢ଼ ଓ ଦେଖି ଦେଖି ଲେଖ ।

| | | | | |
|---|---|---|---|---|
| ଅଙ୍କ | ସମଷ୍ଟି | ପୁଷ୍ପାଞ୍ଜଳି | ନିଷ୍ପତ୍ତି | କଳ୍ପନା |
| ଗଳ୍ପ | ସନ୍ତୁଷ୍ଟି | ଗୀତାଞ୍ଜଳୀ | ଆପତ୍ତି | ଜଳ୍ପନା |

| | | | | |
|---|---|---|---|---|
| | | | | |
| | | | | |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ତାରିଖ....................

ସପ୍ତାହ-୨୧

# ପାଠ-୧୨୫

ଦିବସ-୫

## ପୁନରାଲୋଚନା

# ଛେଳି ରଡ଼ିଲା ମେଁ ମେଁ

୧. ପଢ଼ ।



ପୁଷ୍ପପୁର ଗାଁରେ କୃଷକଟିଏ ରହେ । ସେ ଗୋଟିଏ ଛେଳି ରଖିଥିଲା । ଥରେ ପାଖ ଜଙ୍ଗଲରୁ ବିଲୁଆଟିଏ ଆସି ତାଙ୍କ ବାଡ଼ିରେ ଲୁଚି ରହିଲା । ଛେଳିକୁ ଦେଖି ତାକୁ ଖାଇବାକୁ ଆସିଲା । ଛେଳି ମେଁ ମେଁ କରି ରଡ଼ି ଛାଡ଼ିଲା । ଛେଳିର ରଡ଼ି ଶୁଣି କୃଷକଟି ଠେଙ୍ଗା ଧରି ଆସିଲା । ଦୁଷ୍ଟ ବିଲୁଆ ଡରିଯାଇ ଧାଇଁ ପଳାଇଲା ।

୨. କୁହ ଓ ଲେଖ ।

(କ) କୃଷକ କେଉଁ ଗାଁରେ ରହେ ?

.................................................................................................

(ଖ) ବିଲୁଆ କାହାକୁ ଖାଇବାକୁ ମନ କଲା ?

.................................................................................................

(ଗ) ଛେଳିକୁ ବିଲୁଆ କାହିଁକି ଖାଇ ପାରିଲା ନାହିଁ ?

.................................................................................................

(ଘ) ତୁମେ ଛେଳି ଜାଗାରେ ଥିଲେ କ'ଣ କରିଥାନ୍ତ ?

.................................................................................................

୩. ପଢ଼ ।

ରହିବା ସଦା ଶାନ୍ତଶିଷ୍ଟ
ନ ଦେବା କାହା ମନେ କଷ୍ଟ
ହୋଇଲେ ଆମେ କର୍ମନିଷ୍ଠ
ସବୁ କାମରେ ହେବା ଶ୍ରେଷ୍ଠ ।



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୨୧

# ପାଠ-୧୨୬

ଦିବସ-୬

## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

## ସର୍କସ ଦେଖା

୧. ପଢ଼ ।

ନିଷ୍ଠା ଓ କଳ୍ପନା ଷଷ୍ଠ ଶ୍ରେଣୀରେ ପଢ଼ନ୍ତି । ଦିନେ ଦୁହେଁ ସର୍କସ ଦେଖିବାକୁ ଗଲେ । ଝିଅଟିଏ ଭିନ୍ନ ଭିନ୍ନ ଢଙ୍ଗରେ ଦୋଳି ଖେଳ ଦେଖାଇଲା । ଜଣେ ବଳିଷ୍ଠ ଲୋକ ମୋଟର ସାଇକେଲ୍ ଚଢ଼ି ଖେଳ ଦେଖାଇଲେ । ଜୋକରମାନେ ଲୋକଙ୍କୁ ହସାଇଲେ । ସର୍କସ୍ ଦେଖି ନିଷ୍ଠା ଓ କଳ୍ପନା ଉଲ୍ଲସିତ ହେଲେ ।

୨. କୁହ ଓ ଲେଖ ।

(କ) ନିଷ୍ଠା କାହା ସହିତ ସର୍କସ୍ ଦେଖିବାକୁ ଗଲା ?

.....................................................................................

(ଖ) ସର୍କସରେ ସେମାନେ କ'ଣ ସବୁ ଖେଳ ଦେଖିଲେ ?

.....................................................................................

(ଗ) ସର୍କସରେ କେଉଁମାନେ ହସାଇଲେ ?

.....................................................................................

(ଘ) ତୁମେ କେଉଁ ସବୁ ସର୍କସ ଦେଖିଛ ?

.....................................................................................

୩. ଶ୍ରୁତ ଲିଖନ । (ଶିକ୍ଷକ ୧୦/୧୨ଟି ଶବ୍ଦ ବିଶିଷ୍ଟ ଦୁଇଟି ବାକ୍ୟ ଡାକିବେ ।)

.....................................................................................

.....................................................................................

୪. ପଢ଼ ଓ ଦେଖି ଦେଖି ଲେଖ ।

| | |
|---|---|
| ବଶିଷ୍ଠ .................. | ସ୍ପନ୍ଦନ ..................... |
| ସ୍ପୃହା .................. | ନିଷ୍ଠାପର ..................... |
| ସନ୍ତୁଷ୍ଟ .................. | ପୁଷ୍ଟିସାର ..................... |
| ପରସ୍ପର .................. | କଷ୍ଟସାଧ୍ୟ ..................... |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୨୨

# ପାଠ-୧୨୭

ଦିବସ-୧

# ଘରକୁ ଆସିଲା ଧାନ

## ୧. ପଢ଼ ।



ଧାନକଟା ଛୁଟି ହୋଇଥାଏ । ସାନୁ ଓ ପୁଷ୍ପା ମନ ବହୁତ ଖୁସି । ପୁଷ୍ପାର ସାଙ୍ଗ ଅଲ୍ଲୀ । ସେ ସାନୁ ସହିତ ଅଲ୍ଲୀ ଘରକୁ ଯିବାକୁ ବାହାରିଥାଏ । ବାପା ବହୁତ ବ୍ୟସ୍ତ ଜଣା ପଡୁଥାନ୍ତି । ବିଲରେ ଧାନ ପାଚି ଗଲାଣି । ଧାନ ଘରକୁ ନ ଆଣିଲେ ହାତୀ ଓ ବାରହା ଖାଇଦେବେ । ଖଳାକୁ ଧାନ ଆଣିବାକୁ ଟ୍ରାକ୍ଟର ମିଳୁନାହିଁ । ବାପାଙ୍କ ବ୍ୟସ୍ତତା ଦେଖି ସାନୁ ଓ ପୁଷ୍ପା ସାଙ୍ଗ ଘରକୁ ଗଲେ ନାହିଁ । ବାପାଙ୍କ ସହ ମିଶି ଧାନକୁ ବିଡ଼ା କରି ଘରକୁ ବୋହି ଆଣିଲେ ।

## ୨. କୁହ ଓ ଲେଖ ।

(କ) ପୁଷ୍ପା କାହା ଘରକୁ ଯିବାକୁ ବାହାରିଥିଲା ?

..........................................................................................

(ଖ) ବାପା କାହିଁକି ବ୍ୟସ୍ତ ହେଉଥିଲେ ?

..........................................................................................

(ଗ) ସାନୁ ଓ ପୁଷ୍ପା ବାପାଙ୍କୁ କିପରି ସାହାଯ୍ୟ କଲେ ?

..........................................................................................

(ଘ) ବିଲରୁ ଲୋକମାନେ ଧାନ କିପରି ଘରକୁ ଆଣନ୍ତି ?

..........................................................................................

## ୩. ପଢ଼

୬୦ ସେକେଣ୍ଡ

ଠେଲାବାଲା ଠେଲାଟିକୁ ଠେଲିଠେଲି ଆସିଲା । ଠେଲାରେ ଦହିବରା ଠାଏଠାଏ ବାଢ଼ିଲା । ସେଥିରେ ଖଟାମିଠା ଦହିପାଣି ଢାଳିଲା । ଜୋତା ଠକ୍ ଠକ୍ କରି ଠେକୁଭାଇ ଆସିଲା । ଫଟାଫଟ୍ ଦହିବରା ଠୋଲାଟେ ଖାଇଲା । ଠୋଲାଟି ଫଟା ଥିଲା । ଠୋଲା ଫାଟରେ ଦହିପାଣି ବୋହିଗଲା । ଠେକୁଭାଇ ଠୋଠୋ ହସିଦେଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୨୨

# ପାଠ-୧୨୮

ଦିବସ-୨

୧. ତଳ ଶବ୍ଦଗୁଡ଼ିକୁ ପଢ଼ ଓ ସେଥିରେ ଥିବା ଯୁକ୍ତାକ୍ଷର ବାଛି ଗୋଲ ଭିତରେ ଲେଖ ।

ଇସ୍ପାତ (ସ୍ପା), ବାଷ୍ପ ( ), ଶିଳ୍ପ ( ), ସ୍ଫଟିକ ( ), କଳ୍ପନା ( ),

ନିଷ୍ପାପ ( ), ପୁଷ୍ପକ ( ), ନିଷ୍ଫଳ ( ), ସ୍ଫଟିକ ( ),

୨. ବନ୍ଧନୀ ମଧ୍ୟରୁ ଅକ୍ଷର ନେଇ ଶୂନ୍ୟସ୍ଥାନ ପୂରଣ କର ।

(ଳ୍ପ, ଳ୍ପି, ଷ୍ପ, ଷ୍ପା)

ଗା.........କ, ପୁ...........କ, ପ୍ରକ......, ନି......ପ, ବିକ.....

୩. ଚିତ୍ର ସହ ଶବ୍ଦକୁ ଗାରଟାଣି ଯୋଡ଼ ।

ପୁଷ୍ପ





ବାଷ୍ପ



ଶିଳ୍ପୀ



ଚତୁଷ୍ପଦ

୪. ପଢ଼ ।

| | | | | | |
|---|---|---|---|---|---|
| ଗଳ୍ପ | ନଡ଼ିଆ | ଅଳ୍ପାୟୁ | ପୁଷ୍ପ | ପରସ୍ପର | କାଳ୍ପନିକ |
| ଅଳ୍ପ | ବଡ଼ିଆ | ଦୀର୍ଘାୟୁ | ବାଷ୍ପ | ନିରନ୍ତର | ପୌରାଣିକ |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

# ଆସ ଚାଷ କରିବା

## ୧. ପଢ଼



ଆସ ଚାଷ କରିବା
କଳହଳ ଧରିବା
ଧାନ, ବିରି, ମାଣ୍ଡିଆ
କ୍ଷେତ ଦିଶେ ବଢ଼ିଆ
ଫସଲେ ପାଣି ମଡ଼ାଇ
କାମ ଦେବା ବଢ଼ାଇ
ଯତନେ କରି ଅମଳ
ଖଳାକୁ ନେବା ସଅଳ
ଖରା ବରଷା ଶୀତରେ
କ୍ଷେତ ଯଦି ହସିବ
ଆମ ପେଟ ପୂରିବ ॥

## ୨. କୁହ ଓ ଲେଖ ।

(କ) ତୁମ ଗାଁରେ ଲୋକମାନେ କେଉଁ କେଉଁ ଚାଷ କରନ୍ତି ?

..............................................................................................

(ଖ) ଫସଲ ପାଇଁ କ'ଣ ଦରକାର ?

..............................................................................................

(ଗ) ତୁମେ କ୍ଷେତକୁ ଗଲେ କ'ଣ କରିବ ?

..............................................................................................

## ୩. ପଢ଼ ।

୬୦ ସେକେଣ୍ଡ

ଦୂରରୁ ପାହାଡ଼ ସୁନ୍ଦର ଦିଶେ । ପାହାଡ଼ ଦେହଟା ସିନା ଟାଣ, ହେଲେ ମନଟା କୋମଳ । ପାହାଡ଼ ଦେହରୁ ଝରଣା ଝରି ଆସେ । ଝରଣାର ପାଣି ଜୀବଜଗତର ଶୋଷ ମେଣ୍ଟାଏ । ଝରଣାର ପାଣି ପିଇ ଗଛଲତା ବଡ଼ ହୁଅନ୍ତି । ପାହାଡ଼କୁ ଜଗି ରହନ୍ତି । ସେଇଥିଲାଗି ପାହାଡ଼ ସୁନ୍ଦର ।

ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | |

# ପାଠ-୧୩୦



## ୧. ବନ୍ଧନୀ ମଧ୍ୟରୁ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

**(ଗଳ୍ପ, ଶିଳ୍ପ, ଚତୁଷ୍ପଦ, ପୁଷ୍ପ)**

(କ) ବଗିଚାରେ .................... ଫୁଟିଛି ।

(ଖ) ଚାଲ, ଅଜାଙ୍କଠାରୁ .................. ଶୁଣିବା ।

(ଗ) ସହରରେ ଅନେକ ଗୁଡ଼ିଏ ............... କାରଖାନା ଅଛି ।

(ଘ) ଗାଈ ଏକ ................. ପ୍ରାଣୀ ।

## ୨. ଗାର ଟାଣି ଯୋଡ଼ । ଯେପରି-

| | |
|---|---|
| ଶୀତଳ | ଗଳ୍ପ |
| ବୃଥା | କଥା |
| ସ୍ପଷ୍ଟ | ନିଷ୍ପତ୍ତି |
| ଦୃଢ଼ | ସ୍ପର୍ଶ |
| କ୍ଷୁଦ୍ର | ଚିନ୍ତା |

(ବୃଥା → ସ୍ପର୍ଶ)

## ୩. ତଳେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟ ଗଠନ କର ।

ବାଷ୍ପ – ..........................................................................

ଶିଳ୍ପୀ – ..........................................................................

ଅଳ୍ପ – ..........................................................................

ପୁଷ୍ପ – ..........................................................................

## ୪. ପଢ଼ ।

ଆକାଶର ତାରା ପରି
ମଲ୍ଲିଫୁଲ ଝଟକେ ।
ପରୀ ପରି ସୁନ୍ଦରୀ ସେ
ବାସ ତାର ମହକେ ।


ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ତାରିଖ....................

सप्ताह-୨୨

# ପାଠ-୧୩୧

ଦିବସ-୫

## ପୁନରାଲୋଚନା

# ବାପାଙ୍କ ଫଳ ବଗିଚା

୧. ପଢ଼



ଘରକୁ ଲାଗି ବଡ଼ ବଗିଚା । ସେଇଠି ବାପା, ଆମ୍ବ, ପଣସ, ନଡ଼ିଆ, ଓଉ, ସଜନା ଆଦି ଗଛ ଲଗାଇଛନ୍ତି । ପୁଷ୍ପା ଓ ଶିଖା ବାପାଙ୍କ ସହ ବଗିଚାକୁ ଯାଆନ୍ତି । କାମରେ ସାହାଯ୍ୟ କରନ୍ତି । ଖରାଦିନେ ବଗିଚାରେ ଆମ୍ବ ଓ ପଣସ ଫଳେ । ବାପା ଆମ୍ବ ବିକିବାକୁ ହାଟକୁ ନିଅନ୍ତି । ମାଆ ସଜନାଗଛରୁ ଶାଗ ଓ ଛୁଇଁ ଆଣନ୍ତି । ଶିଖାକୁ ପଖାଳରେ ଶାଗଭଜା ଖାଇବାକୁ ଭଲ ଲାଗେ । ନଡ଼ିଆ ଓ ଓଉ କିଣିବାକୁ ଲୋକମାନେ ବଗିଚାକୁ ଆସନ୍ତି । ବାପା ଫଳ ବଗିଚା ଦେଖି ଖୁସି ହୁଅନ୍ତି ।

୨. କୁହ ଓ ଲେଖ ।

(କ) ଶିଖା ଘର ବଗିଚାରେ କେଉଁସବୁ ଗଛ ଥିଲା ?

..............................................................................................

(ଖ) ପୁଷ୍ପା ଘର ବଗିଚାକୁ କ'ଣ କିଣିବା ପାଇଁ ଲୋକମାନେ ଆସନ୍ତି ?

..............................................................................................

(ଗ) ମାଆ ବଗିଚାରୁ କ'ଣ ଆଣନ୍ତି ?

..............................................................................................

(ଘ) ଶୀତଦିନେ ହେଉଥିବା ଫୁଲଗୁଡ଼ିକର ନାମ ଲେଖ ।

..............................................................................................

୩. ଗପଟିକୁ ଆଗକୁ ବଢ଼ାଅ ।

ହାତୀଟିଏ ଯାଉଥିଲା । ତା'ପାଦରେ କଣ୍ଟା ପଶିଗଲା । ତାକୁ ଭାରି କାଟିଲା । ବିଲୁଆନନା ତା' ପାଦରୁ କଣ୍ଟା କାଢ଼ି ଦେଲା । ହାତୀ ଭାବିଲା, ସେ ଏଥର ଜୋତା କିଣିବ । ସେ.........

..............................................................................................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ତାରିଖ....................

ସପ୍ତାହ-୨୨

# ପାଠ-୧୩୨

ଦିବସ-୬

## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

## ସଜନା ଛୁଇଁ ଝୋଳ

୧. ପଢ଼।

ଆଳୁ କହିଲା ବାଇଗଣରେ
ଆସରେ ହେବା ମେଳ।
ସଜନା ଛୁଇଁ ବଡ଼ିକୁ ନେଇ
ମିଶି ହୋଇବା ଝୋଳ।
ତୋତେ ଆଣନ୍ତି ଡାଳରୁ ତୋଳି
ମୋତେ ମାଟିରୁ ଖୋଳି।
ଡାଳ ନୁଆଁଇ ଆଣନ୍ତି ଛୁଇଁ
କାଟନ୍ତି ଭଳି ଭଳି।
ସଭିଏଁ ମିଶି ହୁଅନ୍ତି ଝୋଳ
ବେସର ବଡ଼ି ସାଥେ।
କୁନା ଓ କୁନି କେତେ ଖୁସିରେ
ଖାଇବେ ତୋତେ ମୋତେ।

୨. କୁହ ଓ ଲେଖ।

(କ) ସଜନା ଛୁଇଁକୁ ନେଇ ମାଆ କ'ଣ କରନ୍ତି ?

..........................................................................................

(ଖ) ଛୁଇଁ ଝୋଳରେ କ'ଣ ସବୁ ମିଶିଥିଲା ?

..........................................................................................

(ଗ) ତୁମ ଘରେ କେଉଁସବୁ ତରକାରି ହୁଏ ?

..........................................................................................

୩. ଶ୍ରୁତଲିଖନ। (ଶିକ୍ଷକ ୧୦/୧୨ଟି ଶବ୍ଦ ବିଶିଷ୍ଟ ଦୁଇଟି ବାକ୍ୟ ଡାକିବେ।)

..........................................................................................

..........................................................................................

୪. ପଢ଼।

| | | | | |
|---|---|---|---|---|
| ନିଷ୍ଫଳ | ସମ୍ପଦ | ସ୍ପନ୍ଦନ | ରଙ୍ଗ | କଳ୍ପବଟ |
| ସଫଳ | ବିପଦ | ବନ୍ଧନ | ଢଙ୍ଗ | ଅଳ୍ପବାଟ |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

# ନାଉରିଆ ଭାଇ

### ୧. ପଢ଼ ।



କଙ୍କପୁର ଗାଁରେ ପୁଷ୍ପିତାର ମାଉସୀ ଘର । ନଈ ପାରି ହୋଇ ମାଉସୀ ଘରକୁ ଯିବାକୁ ହୁଏ । ପୁଷ୍ପିତା ବାପାଙ୍କ ସହ ନଈକୂଳରେ ପହଞ୍ଚିଲା । ସେଠାରେ ଆଉ ଦୁଇଜଣ ଅପେକ୍ଷା କରିଥାନ୍ତି ।

ନାଉରିଆ ଡଙ୍ଗା ଆଣିଲା । ସମସ୍ତେ ବସିଲେ । ପୁଷ୍ପିତାକୁ ଭାରି ମଜା ଲାଗୁଥାଏ । ସେ ବାପାଙ୍କୁ ପଚାରିଲା । ତୁମେ କ'ଣ ଡଙ୍ଗା ଚଳାଇ ପାରିବ ? ବାପା କହିଲେ ନା, ନାଉରିଆର ଏଇଟା ପ୍ରତିଦିନର କାମ । ତା'ର ଏଇଟା ବୃତ୍ତି । ଅଭ୍ୟାସ କଲେ ମୁଁ ବି ଡଙ୍ଗା ଚଲାଇ ପାରିବି ।

### ୨. କୁହ ଓ ଲେଖ ।

**(କ) ପୁଷ୍ପିତାର ମାଉସୀ ଘର କେଉଁଠାରେ ?**

.....................................................................................

**(ଖ) ବାପା ପୁଷ୍ପିତାକୁ କ'ଣ କହିଲେ ?**

.....................................................................................

**(ଗ) ନଈ ପାରି ହେବାକୁ ଡଙ୍ଗା ବ୍ୟତୀତ ଆମେ ଅନ୍ୟ କେଉଁଥିରେ ଯାଇପାରିବା ।**

.....................................................................................

### ୩. ପଢ଼ ।

୬୦ ସେକେଣ୍ଡ

ରମେଶ ଓ ସରିତା ବାପାଙ୍କ ସହ ମିଶି ବଗିଚା କାମ କରୁଥିଲେ । ସେମାନେ ଦିନେ ତାଙ୍କ ଚାଳ ଉପରେ ଗୋଟିଏ ବଡ଼ କଖାରୁ ଫଳିଥିବାର ଦେଖିଲେ । ବାପା କଖାରୁ ତୋଳିଲେ । ମୁଗ ଡାଲିରେ କଖାରୁ ପକାଇ ଡାଲମା ରାନ୍ଧିଲେ । ସମସ୍ତେ ମିଶି ମଜାରେ ଡାଲମା ଖାଇଲେ ।

ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

# ପାଠ-୧୩୪



**୧. ଖାଲି ଜାଗା ପୂରଣ କର ।**

ନି.....ପ, କ.......ନ, ପ୍ରକ......., .......ତ୍ନାକର

ବ୍ରା......ଣ, ଜ.....ଫୁଲ, ପାରା......ପ, ଆ.....ମଣ ।

**୨. 'ସର୍‌ସର୍' ପରି ଆଉ ତିନୋଟି ଶବ୍ଦ ଲେଖ ।**

............... ........................ ....................

**୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖ ।**

ଦୁଃଖ – [ ]

ଦିନ – [ ]

ବିଶ୍ୱାସ – [ ]

ଆନନ୍ଦ – [ ]

ଦୁର୍ବଳ – [ ]

**୪. ପଢ଼ ।**

| | | | | | |
|---|---|---|---|---|---|
| ପ୍ରକଳ୍ପ | ବିଚାର | ନିର୍ମଳ | ସ୍ୱାଗତ | ଅର୍ପଣ | କାଳ୍ପନିକ |
| ବିକଳ୍ପ | ପ୍ରଚାର | ଦୁର୍ବଳ | ଜାଗ୍ରତ | ତର୍ପଣ | ଦାର୍ଶନିକ |


ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

## ୧. ପଢ଼ । ଆମେ କହୁ ତାକୁ କାରିଗର

ଆମେ କହୁ ତାକୁ କାରିଗର
ମାଠିଆଟା ଘରେ ଦରକାର
ଗଢ଼େଇ ଦିଏ ସେ ବରାବର
କିଣୁ ଆମେ ହୋଇ ତରତର ।
ଆମେ କହୁ ତାକୁ କାରିଗର
ପଲଙ୍କଟା ଘରେ ଦରକାର
ଗଢ଼େଇ ଦିଏ ସେ ବରାବର
କିଣୁ ଆମେ ହୋଇ ତରତର ।
ଆମେ କହୁ ତାକୁ କାରିଗର
ହାତୁଡ଼ିଟି ଘରେ ଦରକାର
ଗଢ଼େଇ ଦିଏ ସେ ବରାବର
କିଣୁ ଆମେ ହୋଇ ତରତର ।
ଆମେ କହୁ ତାକୁ କାରିଗର
ଲୁଗାଟା ଆମର ଦରକାର
ବୁଣେଇ ଦେବ ସେ ବରାବର
କିଣୁ ଆମେ ହୋଇ ତରତର ।





## ୨. କୁହ ଓ ଲେଖ ।

**(କ) ଯେଉଁ ଲୋକ ଖଟ ପଲଙ୍କ ତିଆରି କରେ ତାକୁ କ'ଣ କୁହାଯାଏ ?**

.......................................................................................

**(ଖ) ତୁମେ ବଡ଼ ହେଲେ କେଉଁ କାମ କରିବ ?**

.......................................................................................

## ୩. ପଢ଼

୬୦ ସେକେଣ୍ଡ

ଫୁକୁନ୍ ପାଇଁ ବାପା ଫୁଟବଲଟିଏ ଆଣି ଦେଲେ । ଫୁକୁନ୍ ଫକ୍‌ଫକ୍ ଡେଇଁ ଫୁଟବଲ୍ ଖେଳିଲା । କିଛି ଦୂରରେ ପିଲାମାନେ ଖେଳୁ ଥିଲେ । ଫୁକୁନ୍ ଫୁଟବଲ ଖେଳୁଥିବାର ଦେଖି ସେମାନେ ଫିସ୍‌ଫିସ୍ କଥା ହେଲେ । ଫୁକୁନ୍ ସେମାନଙ୍କୁ ପାଖକୁ ଡାକି ଫୁଟବଲ୍‌ଟିକୁ ଧରାଇ ଦେଲା । ସେମାନେ ଫିକ୍‌କିନା ହସିଦେଲେ । ଫୁକୁନ୍ ଏଥର ସାଥି ମେଳରେ ଫୁଟବଲ ଖେଳିଲା ।

ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |


ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ତାରିଖ....................

ସପ୍ତାହ-୨୩

# ପାଠ-୧୩୬

ଦିବସ-୪

## ୧. ଆସ, ବାକ୍ୟକୁ ସଜାଡ଼ି ଲେଖିବା ।

(କ) ଯୋଗୁଁ ମେଘ ହୁଏ ବାଷ୍ପ ସୃଷ୍ଟି ।

.................................................................................................

(ଖ) ନିଷ୍ଫଳ ନାହିଁ କେବେ ସାଧନା ହୁଏ ।

.................................................................................................

(ଗ) ରଖ ପଢ଼ାରେ ପାଠ ସ୍ପୃହା ।

.................................................................................................

(ଘ) ସମ୍ପତ୍ତି ଉଚିତ୍ କରିବା ଜାତୀୟ ନୁହେଁ ନଷ୍ଟ ।

.................................................................................................

## ୨. 'କ' ସହିତ 'ଖ'କୁ ଯୋଡ଼ି ଲେଖ ।

| 'କ' | 'ଖ' | |
|---|---|---|
| ଖବର | ଗଢ଼ | ..................................... |
| ଗପ | ଆଣ | ..................................... |
| ଚକ | କର | ..................................... |
| ଓଜନ | ପଢ଼ | ..................................... |
| ପଇଡ଼ | କହ | ..................................... |
| ହଳ | ଧର | ..................................... |

## ୩. ତଳ ଶବ୍ଦଗୁଡ଼ିକ ନେଇ ବାକ୍ୟ ଗଢ଼ ।

ପରିଷ୍କାର –

ଉତ୍ତମ –

ସ୍ପଷ୍ଟ –

ଜ୍ୟେଷ୍ଠ –

## ୪. ପଢ଼ ।

ବାଣ ଫୁଟିଲା ଢୋ...ଢା
ବେଲୁନ୍ ଫାଟିଲା ଠୋ.....ଠା
ଗରମ ଗରମ କାକରା ପିଠା
ନରମ ନରମ କଥାଟି ମିଠା ।



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ତାରିଖ....................

ସପ୍ତାହ-୨୩

# ପାଠ-୧୩୭

ଦିବସ-୫

## ପୁନରାଲୋଚନା

### ଖଟ ସଜଡ଼ା ହେଲା

୧. ପଢ଼ ।



ଦିନେ ଶିଳ୍ପିକା ଘରକୁ ତା ସାଙ୍ଗସାଥି ଆସିଥିଲେ । ସମସ୍ତେ ମିଶି ଘର ଭିତରେ ଖେଳୁ ଥିଲେ । ଖଟ ଉପରେ ଡିଆଁ ଡେଇଁ କଲେ । ହଠାତ୍ ଶବ୍ଦ ହେଲା । ମାଆ ରୋଷେଇ ଘରୁ ଧାଇଁ ଆସିଲେ । ଦେଖିଲେ ଖଟଟି ଭାଙ୍ଗି ପଡ଼ିଛି । ସମସ୍ତେ ତଳେ ପଡ଼ି ଯାଇଛନ୍ତି । ମାଆ ଧାଇଁ ଯାଇ ସେମାନଙ୍କୁ ଉଠାଇଲେ । କହିଲେ, ଏଇଟା ଦୁଷ୍ଟାମିର ଫଳ । ବାପା ଆସିଲେ, ସବୁକଥା ଶୁଣିଲେ । ତା'ପରଦିନ ଲୋକଡାକି ଖଟ ସଜାଡ଼ିଲେ । ଶିଳ୍ପିକାକୁ କହିଲେ, ଏ ବାବୁଙ୍କୁ ସବୁ କାଠ କାମ ଜଣା । ତୋ ପାଇଁ ଟେବୁଲ୍ ଚୌକିଟିଏ ତିଆରି କରିବା ପାଇଁ କହିଛି । ଶିଳ୍ପିକା ଖୁସି ହେଇଗଲା ।



୨. କୁହ ଓ ଲେଖ ।

(କ) ସାଙ୍ଗମାନେ କାହା ଘରେ ଏକାଠି ହୋଇଥିଲେ ?

.............................................................................................

(ଖ) ମାଆ ଶବ୍ଦ ଶୁଣି କ'ଣ କଲେ ?

.............................................................................................

(ଗ) ତୁମ ଘର ପାଖରେ କାଠ କାମ ପରି ଆଉ କେଉଁ ସବୁ କାମ ହେଉଥିବାର ଦେଖୁଛ ଲେଖ ।

.............................................................................................

୪. ସ୍ୱ, ଷ୍ପ, ଳ୍ପ, ଊା, ଷ୍କ, ଙ୍କି ଲଗାଇ ଶବ୍ଦ ଲେଖ ।

ଗ.............   ଶୁ.............   ଉ..........ପ

ପର.........ର   ବା..............   କ..............



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

# ପାଠ-୧୩୮



## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

# ଖୁସିରେ ଫେରିଲା ଗାଈ

**୧. ପଢ଼ ।**

ଗାଈଟିଏ ଚରିବାକୁ ବଣକୁ ଯାଇଥିଲା । ବାଘଟିଏ ତାକୁ ଦେଖିଲା । ଗାଈକୁ କହିଲା– ମୁଁ ତୋତେ ଖାଇବି । ଗାଈଟି କହିଲା- ଘରେ ମୋର ଛୋଟ ବାଛୁରୀଟିଏ ଅଛି । ମୋର ଛୁଆକୁ ଗେଲ କରି ମୁଁ ଫେରି ଆସିବି । ତା'ପରେ ମୋତେ ଖାଇବ । ଗାଈଟି ଘରକୁ ଯାଇ ସ୍ୱଳ୍ପ ସମୟ ବାଛୁରୀ ସହିତ ରହି ଫେରି ଆସିଲା । ଗାଈ ଫେରିବ ବୋଲି ବାଘଟି କଳ୍ପନା କରି ନଥିଲା । ସେ ଗାଈକୁ ଦେଖି ଆଚମ୍ବିତ ହୋଇଗଲା । କଥା ରଖି ଆସିଥିବାରୁ ବାଘ ଭାରି ଖୁସି ହେଲା । ତା'ର ଦୟା ହେଲା । ଫେରିଯିବାକୁ କହିଲା । ଗାଈଟି ଖୁସି ମନରେ ଘରକୁ ଫେରିଗଲା ।

**୨. କୁହ ଓ ଲେଖ ।**

(କ) ବାଘ କାହାକୁ ଖାଇବାକୁ କହିଲା ?

.....................................................................................

(ଖ) ଗାଈ ବାଘକୁ କ'ଣ କହି ଘରକୁ ଆସିଲା ?

.....................................................................................

(ଗ) ବାଘ କାହିଁକି ଆଚମ୍ବିତ ହୋଇଗଲା ?

.....................................................................................

(ଘ) ତୁମେ ଏଭଳି ସ୍ଥିତିରେ କ'ଣ କରିଥାନ୍ତ ?

.....................................................................................

**୩. ଶ୍ରୁତଲିଖନ ।** (ଶିକ୍ଷକ ୧୦/୧୨ଟି ଶବ୍ଦ ବିଶିଷ୍ଟ ଦୁଇଟି ବାକ୍ୟ ଡାକିବେ ।)

.....................................................................................

.....................................................................................

**୪. ପଢ଼ ।**

| | |
|---|---|
| ପଖାଳ ଭାତ ଶାଗ ଭଜା<br>ସକାଳ ପଢ଼ା ବଡ଼ ମଜା । | ବାରମଜ ଖାଇବା<br>ମନକଥା ଗାଇବା । |

ତାରିଖ....................

ସପ୍ତାହ-୨୪

# ପାଠ-୧୩୯

ଦିବସ-୧

## ରାସ୍ତାରେ ହେବାନି ତରତର

**୧. ପଢ଼**



ମୁକ୍ତେଶ୍ୱର ସହରକୁ ଯାଇଥିଲା । ଗାଡ଼ି ମଟର ଚାଲୁଥାଏ । ସେ ଏପଟ ସେପଟ ନ ଦେଖି ମଝି ରାସ୍ତାରେ ଦୌଡ଼ି ଦୌଡ଼ି ବୁଲିଲା । ମୋଟର ସାଇକେଲ୍‌ଟିଏ ଆସି ତା' ଦେହରେ ବାଜିଲା । ମୁକ୍ତେଶ୍ୱର ଆଘାତ ପାଇ ତଳେ ପଡ଼ିଗଲା । ଆଣ୍ଠୁମାଡ଼ ହୋଇ ରକ୍ତ ବାହାରିଲା । ଲୋକମାନେ ତାକୁ ଉଠାଇ ଗଛମୂଳେ ବସାଇଲେ । ତା'ପରେ ଆମ୍ବୁଲାନ୍‌ସରେ ଡାକ୍ତରଖାନା ନେଲେ । ଡାକ୍ତର ମୁକ୍ତେଶ୍ୱରର ରକ୍ତ ସଫା କରି ପଟି ଲଗାଇଦେଲେ । ତାକୁ ଔଷଧ ଦେଲେ । ଡାକ୍ତର କହିଲେ ସଡ଼କରେ ଚାଲିଲା ବେଳେ ରାସ୍ତାର ନିୟମ ମାନିବାକୁ ହୁଏ । ମୁକ୍ତେଶ୍ୱର ଘରକୁ ଆସି ବିଶ୍ରାମ ନେଲା । ଅଳ୍ପଦିନ ପରେ ସେ ଭଲ ହୋଇଗଲା ।

**୨. କୁହ ଓ ଲେଖ ।**

(କ) ମୁକ୍ତେଶ୍ୱର କିପରି ଆଘାତ ପାଇଲା ?

.................................................................................................

(ଖ) ଡାକ୍ତର ମୁକ୍ତେଶ୍ୱରକୁ କ'ଣ କହିଲେ ?

.................................................................................................

(ଗ) ରାସ୍ତାର ନିୟମ ନ ମାନିଲେ କ'ଣ ହେବ ?

.................................................................................................

**୩. ପଢ଼ ।**

୬୦ ସେକେଣ୍ଡ

ଗଧଟିଏ ବଣରେ ବୁଲୁବୁଲୁ ହଳେ ଗିନି ପାଇଲା । ସେ ଗିନି ହଳକ ଧରି ବଜାଇବାକୁ ଲାଗିଲା । ଏହା ଦେଖି ଗଛ ଉପରେ କୋଇଲି ଗୀତ ଗାଇବାରେ ଲାଗିଲା । ବଣର ସବୁ ପଶୁପକ୍ଷୀ ସେଠାରେ ଏକାଠି ହୋଇଗଲେ । ବାଜା ଆଉ ଗୀତ ତାଳରେ ସମସ୍ତେ ଖୁସିରେ ନାଚିଲେ ।

ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ତାରିଖ....................

ସପ୍ତାହ-୨୪

# ପାଠ-୧୪୦

ଦିବସ-୨

**୧. ଚିତ୍ରର ନାମ ପଢ଼ ଓ ନାମରୁ ଯୁକ୍ତାକ୍ଷର ବାଛି ଲେଖ ।**



ମୁକ୍ତା ◯



ଡାକ୍ତର ◯



ସପ୍ତଫେଣୀ ◯



ବଜ୍ରକାପ୍ତା ◯

**୨. ବନ୍ଧନୀ ମଧ୍ୟରୁ ଯୁକ୍ତାକ୍ଷର ନେଇ ଶୂନ୍ୟସ୍ଥାନ ପୂରଣ କର ।**

**(ପ୍ତ, ପ୍ତା, କ୍ତ, କ୍ତା, ଷ୍ଟି)**

ଗୁ........ ଲୁ....... ମୁ........... ର......... ସୁ....... ବୀ........

ପ.......ମ ବିଭ......... ସ..........ମ ବ୍ରଜକା....... ର........ନୀ ବିର.......

**୩. ଯୁକ୍ତାକ୍ଷର ଦୃଷ୍ଟିରୁ ଅଲଗାଟିକୁ ବାଛି କୋଠରୀରେ ଲେଖ ।**

(କ) କଳ୍ପନା, ଅଳ୍ପ, ଦାନ୍ତ, ବିକଳ୍ପ ☐

(ଖ) ମୁକ୍ତ. ରକ୍ତ, ପଙ୍କା, ଶକ୍ତ ☐

(ଗ) କଣ୍ଢ, ଗଣ୍ଠି, ଆଣ୍ଠୁ, କଣ୍ଟା ☐

(ଘ) ଅନ୍ଧାର, ବନ୍ଧନ, ଅଳନ୍ଧୁ, ମନ୍ଦାର ☐

**୪. ପଢ଼ ।**

| | | | | | |
|---|---|---|---|---|---|
| ଅର୍ଦ୍ଧ | ଭକ୍ତ | ମୁକ୍ତା | ସପ୍ତମ | ବିଭକ୍ତ | ବୁଦ୍ଧ |
| ଉର୍ଦ୍ଧ୍ୱ | ରକ୍ତ | ବକ୍ତା | ରକ୍ତିମ | ବିରକ୍ତ | ଶୁଦ୍ଧ |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

## ପାଠ-୧୪୧



## ୧. ପଢ଼ । ବତୀ ଦେଖିବ ଆଗକୁ ଯିବ



ଖରା ଛୁଟିରେ ବିକ୍ଷିପ୍ତା ମାମୁ ଘରକୁ ଯାଇଥାଏ । ମାମୁ ତାକୁ ନେଇ ବଜାର ଯିବାକୁ ବାହାରିଲେ । ମାଇଁ ବିକ୍ଷିପ୍ତାକୁ ହେଲ୍‌ମେଟ୍ ପିନ୍ଧିବା ପାଇଁ କହିଲେ । ବିକ୍ଷିପ୍ତା ମାମୁଙ୍କ ସାଙ୍ଗରେ ବସି ଯାଉଥାଏ । ବାଟରେ କାର୍ ଚଳାଉଥିବା ଡ୍ରାଇଭରଟି ଏକ ବେଲ୍‌ଟ ପିନ୍ଧିଥିବାର ଦେଖିଲା । ମାମୁଙ୍କୁ ଏକଥା ପଚାରିଲା । ମାମୁ କହିଲେ, କାର୍ ଚଳାଇବା ବେଳେ ଏଭଳି ସିଟ୍ ବେଲ୍‌ଟ ପିନ୍ଧାଯାଏ । ଏତିକିବେଳେ ଟ୍ରାଫିକ୍ ଛକ ପଡ଼ିଲା । ତାଙ୍କ ଗାଡ଼ି ଅଟକିଲା । ସେଇଠି କେତେଗୁଡ଼ିଏ ମୋଟର ସାଇକେଲ୍ ଓ କାର୍ ଠିଆ ହୋଇଥିଲା । ଗାଡ଼ିଗୁଡ଼ିକ କାହିଁକି ଅଟକିଛି ବୋଲି ସେ ପଚାରିଲା । ମାମୁ କହିଲେ ଟ୍ରାଫିକ୍‌ରେ ନାଲିବତୀ ଜଳୁଥିବାରୁ ଗାଡ଼ିସବୁ ଅଟକିଛି । ତା'ପରେ ସବୁଜ ବତୀ ଜଳିଲା । ସମସ୍ତେ ଆଗକୁ ଗଲେ ।

## ୨. କୁହ ଓ ଲେଖ ।

**(କ) ବିକ୍ଷିପ୍ତା କାହିଁକି ହେଲ୍‌ମେଟ୍ ପିନ୍ଧିଲା ?**

..............................................................................................

**(ଖ) କାର୍ ଚାଳକ କ'ଣ ପିନ୍ଧି ଥିବାର ବିକ୍ଷିପ୍ତା ଦେଖିଲା ?**

..............................................................................................

**(ଗ) ଗାଡ଼ିଗୁଡ଼ିକ ରାସ୍ତାରେ କାହିଁକି ଅଟକିବା କଥା ମାମୁ କହିଲେ ?**

..............................................................................................

**(ଘ) ରାସ୍ତାରେ ଯିବାବେଳେ ତୁମେ କି ନିୟମ ମାନିବ ?**

..............................................................................................

## ୩. ପଢ଼ ।

୬୦ ସେକେଣ୍ଡ

ବାଘ ବଣରେ ରହେ । ସେ ପଶୁମାନଙ୍କର ରାଜା । ତା' ଦେହରେ କଳା ଓ ହଳଦିଆ ରଙ୍ଗର ପଟାପଟା ଦାଗ ଅଛି । ବାଘ ଗୋଡ଼ରେ ମୁନିଆଁ ମୁନିଆଁ ନଖ ଅଛି । ସେ ସେଥିରେ ଶିକାର କରେ । ସେ ମାଂସ ଖାଏ । ବାଘ ଆମର ଜାତୀୟ ପଶୁ ଅଟେ ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|

ସପ୍ତାହ-୨୪

# ପାଠ-୧୪୨

ଦିବସ-୪

## ୧. ଚିତ୍ର ଦେଖି ଶୂନ୍ୟସ୍ଥାନ ପୂରଣ କର।

(କ) ...................... ଅତି ମୂଲ୍ୟବାନ।



(ଖ) ...................... ରୋଗୀକୁ ଔଷଧ ଦିଅନ୍ତି।



(ଗ) ଜଳ ...................... ବାଷ୍ପ ହୁଏ।



(ଘ) ...................... ଗଛ ମରୁଭୂମିରେ ଦେଖାଯାଏ।



## ୨. ଆସ ବାକ୍ୟ ଗଢ଼ିବା ଓ ଲେଖିବା।

ନିଶ୍ଚୟ ..............................................................

ରକ୍ତ ..............................................................

ଭକ୍ତି ..............................................................

ସପ୍ତାହ ..............................................................

ବିଶୁଦ୍ଧ..............................................................

## ୩. ଶବ୍ଦ ପଢ଼।

ଉଦ୍ଭିଦ, ଉଦ୍ଭାବନ, ଉଦ୍ଦେଶ୍ୟ, ଉଦ୍ଦୀପନା, ପଶ୍ଚାତାପ, ହରିଶ୍ଚନ୍ଦ୍ର

## ୪. ପଢ଼।

କାଠକୁ କୁରାଢ଼ି ଘାସକୁ ଦାଆ
ମାଛକୁ ପନିକି ନଈକୁ ନାଆ।
ମୁଢ଼ି ନଡ଼ିଆକୁ କାକୁଡ଼ି କଷି
ମୁସୁରୁ ମୁସୁରୁ ଖାଉଥା' ବସି।



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ସପ୍ତାହ-୨୪

# ପାଠ-୧୪୩

ଦିବସ-୫

## ପୁନରାଲୋଚନା

## ମଶାକୁ ମଶାରୀ

୧. ପଢ଼ ।



ସନ୍ଧ୍ୟା ସମୟ । ସୁଦୀପ୍ତା ସାଙ୍ଗମାନଙ୍କ ସହ ଖେଳିସାରି ଘରକୁ ଫେରିଲା । ହଠାତ୍ ତାକୁ ଜ୍ୱର ଆସିଲା । ଦେହର ତାତି ବଢ଼ିଲା । ରାତି ସାରା ସେ ଜ୍ୱରରେ କମ୍ପୁଥାଏ । ସକାଳୁ ବାପା ତାକୁ ଡାକ୍ତରଙ୍କ ପାଖକୁ ନେଲେ । ଡାକ୍ତର ସଙ୍ଗେ ସଙ୍ଗେ ରକ୍ତ ପରୀକ୍ଷା କରିବାକୁ କହିଲେ । ରକ୍ତ ପରୀକ୍ଷାରୁ ଜଣାପଡ଼ିଲା ଯେ ତାକୁ ମ୍ୟାଲେରିଆ ଜ୍ୱର ହୋଇଛି । ମଶା କାମୁଡ଼ିଲେ ଏହି ଜ୍ୱର ହୁଏ ବୋଲି ଡାକ୍ତର ବୁଝାଇଲେ । ଏଣୁ ସବୁଦିନ ମଶାରୀ ଟାଣି ଶୋଇବା ଓ ଘର ଚାରିପାଖ ସଫାସୁତରା ରଖିବା ପାଇଁ କହିଲେ । ସେହିଦିନ ଠାରୁ ସୁଦୀପ୍ତା ମଶାରୀ ଟାଣି ଶୋଇଲା ଓ ଘରଦ୍ୱାର ସଫା ରଖିଲା ।

୨. କୁହ ଓ ଲେଖ ।

(କ) ସୁଦୀପ୍ତାକୁ କେଉଁ ଜ୍ୱର ହୋଇଥିଲା ?

.....................................................................................

(ଖ) ଡାକ୍ତର ସୁଦୀପ୍ତାକୁ କ'ଣ କହିଲେ ?

.....................................................................................

(ଗ) ଘରଦ୍ୱାର ସଫା ନ ରଖିଲେ କି ଅସୁବିଧା ହେବ ?

.....................................................................................

୩. ଦିଆଯାଇଥିବା ଶବ୍ଦ ନେଇ ବର୍ଷାଦିନ ବିଷୟରେ ତିନି ଧାଡ଼ି ଲେଖ ।

(କଳାହାଣ୍ଡିଆ ମେଘ, ଶୀତଳ ପବନ, ବର୍ଷା, ବିଜୁଳି, ଘଡ଼ଘଡ଼ି, ଛତା, ବେଙ୍ଗ)

.....................................................................................

.....................................................................................

.....................................................................................

ସପ୍ତାହ-୨୪

# ପାଠ-୧୪୪

ଦିବସ-୬

## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

### ୧. ପଢ଼। ଉଆସକୁ ଫେରିଲେ ରାଜକୁମାରୀ

ରାକ୍ଷସଟିଏ ରାଜ ଉଆସକୁ ଆସିଲା । ରାଜକୁମାରୀ ଦିପ୍ତୀମାଳାକୁ ମାଛିଟିଏ କରି ବଣ ଭିତରକୁ ନେଇଗଲା । ରାଜା ଦୀପ୍ତିମାଳାକୁ ଖୋଜି ପାଇଲେ ନାହିଁ । ରାଜାରାଣୀ ବ୍ୟସ୍ତ ହୋଇପଡ଼ିଲେ । ଝିଅକୁ ଖୋଜି ନ ପାଇବାରୁ ଖାଇବା ପିଇବା ଛାଡ଼ିଦେଲେ ।

ଦିନେ ରାଜକୁମାର ଦିପ୍ତୀଭାନୁ ଶିକାର କରିବାକୁ ବଣକୁ ଗଲେ । ବାଟରେ ତାଙ୍କୁ ଜଣେ ସାଧୁ ଯାଦୁ ମୁଣିଟିଏ ଦେଲେ । ସାଧୁ କହିଲେ– ମୁଣିଟି ପାଖରେ ଥିଲେ, କେହି ପଶୁପକ୍ଷୀ କି ରାକ୍ଷସ ଆସିବେନି । ମାୟା ପ୍ରୟୋଗ କରିବେନି । ରାଜକୁମାର ବଣରେ ବୁଲିବା ବେଳେ ମାଛିଟିଏ ଆସି ମୁଣି ଉପରେ ବସି ପଡ଼ିଲା । ସଙ୍ଗେ ସଙ୍ଗେ ମାଛିଟି ରାଜୁକମାରୀ ହୋଇଗଲା । ରାଜୁକୁମାର ଭଉଣୀ ଦୀପ୍ତିମାଳାକୁ ଦେଖି ଖୁସି ହୋଇଗଲେ । ତାଙ୍କୁ ସାଙ୍ଗରେ ଧରି ଘରକୁ ଫେରିଲେ । ରାଜ ଉଆସରେ ଆନନ୍ଦର ଲହରୀ ଖେଳିଗଲା ।

### ୨. କୁହ ଓ ଲେଖ ।

(କ) ରାକ୍ଷସଟି ରାଜକୁମାରୀଙ୍କୁ କ'ଣ କରିଦେଲା ?

........................................................................................

(ଖ) ସାଧୁ ଦିପ୍ତୀଭାନୁଙ୍କୁ କ'ଣ ଦେଲେ ?

........................................................................................

(ଗ) ମାଛିଟି କିପରି ରାଜକୁମାରୀ ହୋଇପାରିଲା ?

........................................................................................

(ଘ) ଅଜଣା ଲୋକଠାରୁ ତମେ ନିଜକୁ କିପରି ରକ୍ଷା କରିବ ।

........................................................................................

### ୩. ଶ୍ରୁତଲିଖନ । (ଶିକ୍ଷକ ୧୦/୧୨ଟି ଶବ୍ଦ ବିଶିଷ୍ଟ ଦୁଇଟି ବାକ୍ୟ ଡାକିବେ ।)

........................................................................................

........................................................................................

### ୪. ପଢ଼

ଚକା ଚକା ଭଉଁରୀ
ହସେ ଖେଳେ ଗଉରି ।

ମିଳିମିଶି ରହିବା
ମିଠା କଥା କହିବା ।

ହସିଦେଲେ ଖୁସିରେ
ମନଯାଏ ମିଶିରେ ।

ତାରିଖ.....................

ସପ୍ତାହ-୨୫

# ପାଠ-୧୪୫

ଦିବସ-୧

## ପ୍ରକୃତ ବନ୍ଧୁ

୧. ପଢ଼ ।



ସୁଦିପ୍ତ ସପ୍ତମ ଶ୍ରେଣୀରେ ପଢ଼େ । ଦିନେ ସେ ସାଇକେଲ୍ ଚଢ଼ି ବିଦ୍ୟାଳୟକୁ ଯାଉଥାଏ । ଢୁମ୍ କରି ଶବ୍ଦ ଶୁଭିଲା । ଦେଖିଲା ବେଳକୁ, ଶକ୍ତି ସାଇକେଲ୍‌ରୁ ପଡ଼ିଯାଇଛି । ସୁଦିପ୍ତ ଅଟକି ଯାଇ ଶକ୍ତିକୁ ଉଠାଇଲା । ରୁମାଲ୍‌ରେ ତା' ଦେହରୁ ଝରୁଥିବା ରକ୍ତ ପୋଛିଲା । ସେ ଶକ୍ତିକୁ ସାଇକେଲ୍‌ରେ ବସାଇ ଡାକ୍ତରଖାନା ଗଲା । ଡାକ୍ତରବାବୁ ଇଞ୍ଜେକ୍‌ସନ୍ ଓ ଔଷଧ ଦେଲେ । କ୍ଷତରେ ପଟି ବାନ୍ଧିଦେଲେ । ଶକ୍ତି ସୁଦିପ୍ତକୁ କୁଣ୍ଢାଇ ପକାଇ କହିଲା, ତୁ ମୋ'ର ପ୍ରକୃତ ବନ୍ଧୁ ।

୨. କୁହ ଓ ଲେଖ ।

(କ) ସୁଦିପ୍ତ କେଉଁ ଶ୍ରେଣୀରେ ପଢ଼େ ?

..........................................................................................

(ଖ) କିଏ ସାଇକେଲ୍‌ରୁ ପଡ଼ିଗଲା ?

..........................................................................................

(ଗ) ସୁଦିପ୍ତ ଶକ୍ତିକୁ କାହିଁକି ଡାକ୍ତରଖାନାକୁ ନେଲା ?

..........................................................................................

(ଘ) ତୁମେ ସୁଦିପ୍ତ ଜାଗାରେ ଥିଲେ କ'ଣ କରିଥାନ୍ତ ?

..........................................................................................

୩. ପଢ଼ ।

୬୦ ସେକେଣ୍ଡ

ଗୋଟିଏ କୁକୁର ବଣକୁ ବୁଲି ଯାଉଥିଲା । ସେଠାରେ ସେ ଗୋଟିଏ ଭାଲୁ ଛାଲ ପାଇଲା । ଭାବିଲା– ଏହି ଛାଲକୁ ଦେହରେ ପକାଇବି । ଲୋକମାନଙ୍କୁ ଡରାଇବି । ଖୁସି ମନରେ ସେ ଛାଲକୁ ଦେହରେ ପକାଇ ଗାଁକୁ ଆସିଲା । ଲୋକମାନେ ତାକୁ ଭାଲୁ ଭାବି ମାରିବାକୁ ଗୋଡ଼ାଇଲେ ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୨୫

# ପାଠ-୧୪୬

ଦିବସ-୨

**୧. ଚାରିପାଖରେ ଶବ୍ଦ ସହ ମଝି ଅକ୍ଷରକୁ ନେଇ ଶବ୍ଦ ଗଢ଼, ପଢ଼ ଓ ଲେଖ । ଯେପରି–**




**୨. ଅସଜଡ଼ା ଶବ୍ଦ ସଜାଡ଼ି ଠିକ୍ ଶବ୍ଦ ଗଢ଼ ଓ ଲେଖ ।**

ଶମାକ୍ତିନ୍ .............. ପ୍ତସମ .................. ନ୍ୟହସ୍ତଶୂ ..................

ଭାକ୍ତିଭବ .............. ଫେପ୍ତସଣୀ.................. କ୍ଷରସ୍ତାହ ..................

**୩. ବନ୍ଧନୀ ମଧ୍ୟରୁ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) ସୁଦିପ୍ତ ଝୁଣ୍ଟି ପଡ଼ିବାରୁ ତା' ଗୋଡ଼ରୁ .................. ବାହରିଲା । (ରକ୍ତ, କାଳି)

(ଖ) ଲୋକଟି .................. ବାଡ଼ିଟି ଧରିଛି । (ବିଭକ୍ତ, ଶକ୍ତ)

(ଗ) ଏକ .................. ସାତ ଦିନ । (ବର୍ଷା, ସପ୍ତାହ)

**୪. ପଢ଼ ।**

| | | | | | |
|---|---|---|---|---|---|
| ଶସ୍ତା | ଭକ୍ତି | ବିରକ୍ତ | ଅତୃପ୍ତ | ରକ୍ତାକ୍ତ | ଆମଦାନି |
| ବସ୍ତା | ଶକ୍ତି | ବିଭକ୍ତ | ବିକ୍ଷିପ୍ତ | ସଂଯୁକ୍ତ | ରପ୍ତାନି |

# ପାଠ-୧୪୭

## ବତକ ମିତ

**୧. ପଢ଼ ।**



ବୁଲି ବାହାରିଲା କୁକୁଡ଼ା ମାଆ
ପଛରେ ଚାଲିଲେ ତିନୋଟି ଛୁଆ
ମାଆଙ୍କୁ ନମାନି ଧାଇଁଲେ ଚିଆଁ
ଆଗେ ବସିଥିଲା ଗୋଟିଏ ଭୁଆ
ମାଆ କୁକୁଡ଼ା ଧାଇଁକି ଗଲା
ଭୁଆ ବିରାଡ଼ି ପଳାଇ ଗଲା
ପୋଖରୀ ହୁଡ଼ାରୁ ଗୋଡ଼ ଖସିଲା
ପାଣି ଭିତରେ ଚିଆଁ ପଡ଼ିଲା
କୁକୁଡ଼ାର ସାଙ୍ଗ ବତକ ଭାଇ
ଡାକିଲା ତାହାକୁ ଅନେଇ ଦେଇ
ବତକ ଆସିଲା ଅଣ୍ଟା ହଲାଇ
ଚିଆଁକୁ କାଢ଼ିଲା ପାଣିରୁ ଯାଇ
ଚିଆଁକୁ ଖରାରେ ବସାଇ ଦେଇ
ବତକ ଖେଳିଲା ପାଣିରେ ଯାଇ ।

**୨. କୁହ ଓ ଲେଖ ।**

(କ) କୁକୁଡ଼ା ସାଙ୍ଗରେ କିଏ ବୁଲି ବାହାରିଲେ ?

.......................................................................................

(ଖ) କୁକୁଡ଼ା ଛୁଆ ପାଣିରେ କିପରି ପଡ଼ିଲା ?

.......................................................................................

(ଗ) କୁକୁଡ଼ା, ବତକକୁ କାହିଁକି ଡାକିଲା ?

.......................................................................................

(ଘ) ତୁମ ସାଙ୍ଗ ପଡ଼ିଯିବାର ଦେଖିଲେ ତୁମେ କ'ଣ କର ?

.......................................................................................

**୩. ପଢ଼ ।** ୬୦ ସେକେଣ୍ଡ

ମୁନି ହାଟକୁ ଯାଇଥିଲା । ସେଠାରୁ ବଡ଼ ବଡ଼ କୋଳି କିଣିଲା । ସେ ଖାଉ ଖାଉ ସବୁ କୋଳି ଖାଇଦେଲା । କିଛି ସମୟ ପରେ ତାର ପେଟ କାଟିଲା । ବାପା ମୁନିକୁ ଡାକ୍ତରଙ୍କ ପାଖକୁ ନେଲେ । ଡାକ୍ତର କହିଲେ– ମୁନି କୋଳି ଧୋଇ କରି ଖାଇନାହିଁ । ତେଣୁ ତୁମ ପେଟ କାଟୁଛି । ଏଣିକି ମୁନି ସବୁ ଜିନିଷ ଧୋଇଲା ପରେ ଖାଇଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|


ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ସପ୍ତାହ-୨୫

# ପାଠ-୧୪୮

ଦିବସ-୪

୧. ଯେପରି 'ଶକତ'କୁ 'ଶକ୍ତ' ଲେଖାଯାଏ ।
ସେପରି ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ କ'ଣ ହେବ ଲେଖ ।

ରକତ = .......................... ମୁକୁତ = ..........................

ଭକତ = .......................... ତପତ = ..........................

୨. ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼ ଓ ଲେଖ ।

| | | | |
|---|---|---|---|
| ଉ | ସୁ | କ୍ତ | ଶ |
| ସ | ପ୍ତ | ମ | ଯୁ |
| ର | ଗୁ | କ୍ତି | ମୁ |

.................. ..................

.................. ..................

.................. ..................

୩. 'କ୍ତ' ଥିବା ଶବ୍ଦକୁ ○, 'ପ୍ତ' ଥିବା ଶବ୍ଦକୁ ▭ ଭିତରେ ଓ 'ସ୍ତ' ଥିବା ଶବ୍ଦକୁ △ ଭିତରେ ଲେଖ ।




୪. ଚିତ୍ର ଦେଖି ଦୁଇଟି ବାକ୍ୟ ଲେଖ ।



..........................................................................................

..........................................................................................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୨୫

# ପାଠ-୧୪୯

ପୁନରାଲୋଚନା

ଦିବସ-୫

## ୧. ପଢ଼ ।

### ଦୁଃଖରେ ଫେରିଲା ବିଲୁଆ



କପ୍ତିପଦା ଗାଁ ମୁଣ୍ଡ ପୋଖରୀଟିରେ କଇଁଛଟିଏ ଥାଏ । ଦୁଇଟି ହଂସ ସେହି ପୋଖରୀକୁ ଆସନ୍ତି । ପାଣିରେ ଖେଳନ୍ତି । କଇଁଛ ସହ ଖୁସିଗପ କରନ୍ତି । କଇଁଛଟି ହଂସଙ୍କ ସହ ଲୁଚକାଳି ଖେଳେ । ଦିନେ, ହଂସଟି କହିଲା– କଇଁଛ ଭାଇ, ତୁମ ଦେହଟା ଭାରି ଶକ୍ତ । କଇଁଛ ହସିଲା । ସେ କହିଲା– ମୋ ଦେହ ଶକ୍ତ ବୋଲି ମୁଁ ଦିନେ ବଞ୍ଚିଗଲି । ଥରେ ବିଲୁଆଟିଏ ମୋତେ ଖାଇବା ପାଇଁ ଧରି ପକାଇଲା । ମୁଁ ତାକୁ କହିଲି ଅଳ୍ପ ସମୟ ଅପେକ୍ଷା କର । ପାଣିରେ ବୁଡ଼ିକି ଆସିଲେ ମୋ ଶକ୍ତ ଦେହ ନରମ ହୋଇଯିବ । ତା'ପରେ ତୁମେ ଖାଇବ । ମୁଁ ପୋଖରୀ ଭିତରେ ବୁଡ଼ିଗଲି । ବିଲୁଆ କୂଳରେ ବସିବସି ମନଦୁଃଖରେ ଫେରିଲା । କଇଁଛର କଥା ଶୁଣି ହଂସ ଦୁଇଟି ଠୋ ଠୋ ହସିଲେ ।

## ୨. କୁହ ଓ ଲେଖ ।

(କ) ପୋଖରୀକୁ କେତୋଟି ହଂସ ଆସନ୍ତି ?

.............................................................................................

(ଖ) କଇଁଛଟିକୁ କିଏ ଖାଇବା ପାଇଁ ଆସିଥିଲା ?

.............................................................................................

(ଗ) ବିଲୁଆ କାହିଁକି କଇଁଛକୁ ଖାଇପାରିଲା ନାହିଁ ?

.............................................................................................

(ଘ) ତୁମେ ବିଲୁଆ ଜାଗାରେ ଥିଲେ କ'ଣ କରିଥାନ୍ତ ?

.............................................................................................

## ୩. ପଢ଼ ।

ପଞ୍ଜୁରୀ ଭିତରୁ ମୁକତି ପାଇ
ଶୁଆଟି ବସିଲା ଗଛରେ ଯାଇ
ତୃପ୍ତି ତୃପ୍ତ ହେଲା ତାକୁ ଅନାଇ
ପ୍ରଦୀପ୍ତ ଓ ଦିପ୍ତୀ ନାଚିଲେ ଗାଇ ॥



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

# ପାଠ-୧୫୦



## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

୧. ପଢ଼ ।

## ମୁକ୍ତ ଆକାଶର ଶୁଆ

ପିଜୁଳି ଗଛରେ ଶୁଆଟିଏ ବସିଥିଲା । ତୃପ୍ତି ଗଛରେ ଚଢ଼ି ଶୁଆଟିକୁ ଧରିଲା । ତାକୁ ପଞ୍ଜୁରୀରେ ରଖି ପିଜୁଳି ଓ ମିଠା ଆମ୍ବ ଖାଇବାକୁ ଦେଲା । ଶୁଆଟି କିଛି ଖାଇଲା ନାହିଁ । ପାଣିଟିକେ ପିଇ ଦେଇ ଚୁପ୍‌ଚାପ୍ ପଞ୍ଜୁରୀରେ ବସି ରହେ । ଦୁଇଦିନ ଶୁଆ ନଖାଇ ନପିଇ ମନ ଦୁଃଖରେ ବସିଥାଏ । ଦିପ୍ତୀ ଓ ପ୍ରଦୀପ୍ତ ପିଜୁଳି ଖାଇବାକୁ ତୃପ୍ତି ଘରକୁ ଆସିଥିଲେ । ଶୁଆଟି ମନ ଦୁଃଖରେ ବସିଥିବାର ଦେଖିଲେ । ସେମାନେ ତୃପ୍ତିକୁ କହିଲେ– ଶୁଆଟି ତା' ବାପା, ମାଆ, ସାଙ୍ଗ, ସାଥୀଙ୍କୁ ନ ପାଇ ଦୁଃଖରେ ଅଛି । ଆମେ ସବୁ ଏକାଠି କେତେ ମଜା କରୁଛୁ, ଖୁସିରେ ଅଛୁ । ଏକଥା ଶୁଣି ତୃପ୍ତି ପଞ୍ଜୁରୀ ଖୋଲି ଦେଲା । ଶୁଆଟି ମୁକ୍ତ ହୋଇ ଉଡ଼ିଗଲା । ଖୁସିରେ ଗଛରେ ବସି ପିଜୁଳି ଖାଇଲା ।

୨. କୁହ ଓ ଲେଖ ।

(କ) ତୃପ୍ତି ଶୁଆକୁ କ'ଣ ଖାଇବାକୁ ଦେଲା ?

..............................................................................................

(ଖ) ଶୁଆଟି କାହିଁକି ମନ ଦୁଃଖରେ ବସିଥିଲା ?

..............................................................................................

(ଗ) କ'ଣ ଭାବି ତୃପ୍ତି ପଞ୍ଜୁରୀ ଖୋଲିଦେଲା ?

..............................................................................................

(ଘ) ତୃପ୍ତି ଜାଗାରେ ତୁମେ ଥିଲେ କ'ଣ କରିଥାନ୍ତ ?

..............................................................................................

୩. ଶ୍ରୁତଲିଖନ । (ଶିକ୍ଷକ ୧୦/୧୨ଟି ଶବ୍ଦ ବିଶିଷ୍ଟ ଦୁଇଟି ବାକ୍ୟ ଡାକିବେ ।)

..............................................................................................

..............................................................................................

୪. ପଢ଼ ଓ ଦେଖି ଦେଖି ଲେଖ ।

| | | | |
|---|---|---|---|
| ଅସ୍ତଗାମୀ | .................... | ସପ୍ତର୍ଷିମଣ୍ଡଳ | ................ |
| ଯୁକ୍ତାକ୍ଷର | .................... | ରକ୍ତଭଣ୍ଡାର | ................ |
| କାଙ୍କଡ଼ | .................... | ଶକ୍ତିମାନ୍ | ................ |

# ପରିବାରର ବଢ଼ିଲା ମାନ

## ୧. ପଢ଼ ।



ଉତ୍ତମ ଓ ତିଳୋତ୍ତମା ଭାଇ ଭଉଣୀ । ଉତ୍ତମ ଅଷ୍ଟମ ଶ୍ରେଣୀରେ ଓ ତିଳୋତ୍ତମା ଷଷ୍ଠ ଶ୍ରେଣୀରେ ପଢନ୍ତି । ସ୍ୱାଧୀନତା ଦିବସ ଉପଲକ୍ଷେ ସ୍କୁଲ୍‌ରେ ସ୍କାଉଟ୍ ପ୍ୟାରେଡ୍ ହେଉଥାଏ । ଉତ୍ତମର ଭଲ ପ୍ରଦର୍ଶନ ଦେଖି ଶିକ୍ଷକ ତାକୁ ସ୍କାଉଟ୍ ଦଳର କମାଣ୍ଡର କଲେ। ତିଳୋତ୍ତମା ଭଲ ଗୀତ ଗାଏ ଓ ନାଚ କରେ । ଥରେ ସୁରଭି କାର୍ଯ୍ୟକ୍ରମରେ ନୃତ୍ୟ ପ୍ରଦର୍ଶନ କରି ସେ ପୁରସ୍କୃତ ହେଲା । ପରବର୍ତ୍ତୀ ସମୟରେ ବାପା ତିଳୋତ୍ତମାକୁ ନୃତ୍ୟ ଓ ସଙ୍ଗୀତ ମହାବିଦ୍ୟାଳୟରେ ନାମ ଲେଖାଇଲେ । ସଙ୍ଗୀତ ନୃତ୍ୟ କ୍ଷେତ୍ରରେ ସେ ଭଲ ପ୍ରଦର୍ଶନ କଲା । ରାଜ୍ୟର ଶ୍ରେଷ୍ଠ ନର୍ତ୍ତକୀ ରୂପେ ପରିଚିତ ହେଲା । ଉତ୍ତମ ଜଣେ ଭଲ ମିଲିଟାରୀ ଅଫିସର ହୋଇ ସୁନାମ ଅର୍ଜନ କଲା । ପିଲାମାନଙ୍କର କୃତି ଦେଖି ବାପା ମାଆଙ୍କ ମନ କୁଣ୍ଢେମୋଟ ହୋଇଗଲା ।

## ୨. କୁହ ଓ ଲେଖ ।

(କ) ଉତ୍ତମର ଭଉଣୀ କିଏ ?

.......................................................................................................

(ଖ) ରାଜ୍ୟର ଶ୍ରେଷ୍ଠ ନର୍ତ୍ତକୀ ଭାବରେ କିଏ ସୁନାମ ଅର୍ଜନ କଲା ?

.......................................................................................................

(ଗ) ଉତ୍ତମ ବଡ଼ ହୋଇ କେଉଁ ଚାକିରୀ କଲା ?

.......................................................................................................

(ଘ) ତୁମେ ବଡ଼ ହେଲେ କ'ଣ ହେବ ?

.......................................................................................................

## ୩. ପଢ଼ ।

୬୦ ସେକେଣ୍ଡ

ଗୋଟିଏ ବରଗଛରେ ପାରାଟିଏ ରହୁଥିଲା । ଦିନେ ହାତୀଟିଏ ଆସିଲା । ସେ ଖାଇବା ସମୟରେ ବଡ଼ ବଡ଼ ଡାଳ ଭାଙ୍ଗି ପକାଇଲା । ଏହା ଦେଖି ପାରାଟି କହିଲା– ହାତୀଭାଇ ଡାଳ ସବୁ ଭାଙ୍ଗ ନାହିଁ । ଅଳ୍ପ ଅଳ୍ପ ପତର ଖାଅ । ଗଛ ରହିଲେ ଆମେମାନେ ଭଲରେ ରହିବା । ସବୁ ବେଳେ ଖାଇବାକୁ ପାଇବା । ହାତୀ ପାରା କଥାରେ ରାଜି ହୋଇ ହସିଦେଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|

ତାରିଖ.....................

ସପ୍ତାହ-୨୬

# ପାଠ-୧୫୨

ଦିବସ-୨

## ୧. ଚିତ୍ର ଦେଖି ଘର ପୂରଣ କର ।






ନ.....କୀ    ବୃ.......    ନମ.....ର    .......ଲ୍

## ୨. ବନ୍ଧନୀ ମଧ୍ୟରୁ ଯୁକ୍ତାକ୍ଷର ନେଇ ଶବ୍ଦ ଗଢ଼ି ଲେଖ ।

**(ସ୍ମ, ତ୍ତ, କ୍ର, ସ୍କ)**

(କ) ଉ......ଟ

(ଖ) ଭା.....ର

(ଗ) ଉ.....ବ

(ଘ) ଉ........ନ

(ଙ) ଉ...........ମ

## ୩. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

**(ଉତ୍ତର, ସ୍କୁଟର, ମୂର୍ତ୍ତି)**

(କ) ଶିଳ୍ପୀ .................. ଗଢୁଛନ୍ତି ।

(ଖ) ପ୍ରଶ୍ନର .................. ଲେଖିବା ।

(ଗ) ବାପା .................. ଚଢ଼ି ବଜାର ଗଲେ ।

## ୪. ପଢ଼ ।

| | | | | | |
|---|---|---|---|---|---|
| ସ୍ୱଚ୍ଛ | ମୂର୍ତ୍ତି | ଉଚ୍ଚ | ଭାସ୍କର | ଆଚରଣ | ଅଙ୍କ |
| ଅସ୍ୱଚ୍ଛ | ଫୁର୍ତ୍ତି | ନୀଚ | ସଂସ୍କାର | ଉଚ୍ଚାରଣ | ବିଙ୍କ |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୨୬

# ପାଠ-୧୫୩

ଦିବସ-୩

# ପାଣି ଝୁଲା

## ୧. ପଢ଼।



ଖରାଦିନ । ପୋଖରୀ ଗଡ଼ିଆ ସବୁ ଶୁଖି ଯାଇଥାଏ । ଚଢ଼େଇଟିକୁ ଭାରି ଶୋଷ । ସେ ପାଣି ଖୋଜି ଖୋଜି ଉଡ଼ି ବୁଲିଲା । ଖରାର ଦାଉ ସହି ନ ପାରି ଚେତା ହରାଇ ପଡ଼ିଲା ।

ଜେଜେ ଚଢ଼େଇଟିକୁ ଦେଖିଲେ । ଘରକୁ ଗଲେ ପାଣି ଆଣି ତା' ଥଣ୍ଟରେ ଦେଲେ । ଓଦା କନାରେ ଦେହ ପୋଛିଲେ । ଚଢ଼େଇଟି ଚେତା ଫେରି ପାଇଲା । ଆରାମ ଲାଗିବାରୁ ଉଡ଼ିଯାଇ ଉଚ୍ଚ ଡାଳରେ ବସିଲା ।

ଦେବଦତ୍ତ ଜେଜେଙ୍କ ସହିତ ମିଶି ଶିକା ତିଆରି କଲା । ସେଥିରେ ଛୋଟିଆ ମାଟିପାତ୍ର ରଖିଲା । ମାଟି ପାତ୍ରରେ ପାଣି ପୁରାଇଲା । ବାସ୍ ହୋଇଗଲା ପାଣିଝୁଲା । ଦେବିଦତ୍ତା ଜେଜେଙ୍କ ସହ ମିଶି ପାଣିଝୁଲାକୁ ଗଛ ଡାଳରେ ଝୁଲାଇ ଦେଲା । ଚେଢ଼େଇମାନେ ଆସି ପାଣିଝୁଲାରୁ ପାଣି ପିଇଲେ ଓ ଖୁସି ହେଲେ । ଚଢ଼େଇଙ୍କ ଖୁସିରେ ଦେବଦତ୍ତ ଖୁସି ହେଲା ।

## ୨. କୁହ ଓ ଲେଖ।

**(କ) ପାଣିଝୁଲା କିଏ ତିଆରି କଲା ?**

.................................................................................................

**(ଖ) ଚଢ଼େଇଟି କାହିଁକି ଚେତା ହରାଇ ପଡ଼ିଲା ?**

.................................................................................................

**(ଗ) ଦେବିଦତ୍ତା କ'ଣ କଲା ?**

.................................................................................................

**(ଘ) ଖରାଦିନେ ପଶୁପକ୍ଷୀମାନଙ୍କୁ ପାଣି ଯୋଗାଇବା ପାଇଁ ତୁମେ କି ଉପାୟ କରିବ ?**

.................................................................................................

## ୪. ପଢ଼।

ବଣରେ ସିଂହଟିଏ ବୁଲୁଥିଲା । ସେ ଗୋଟିଏ ହରିଣକୁ ଦେଖିଲା । ତାକୁ ଖାଇବାକୁ ଗୋଡ଼ାଇଲା । ହରିଣଟି ଗୋଟିଏ ବୁଦା ଆଡୁଆଳରେ ଲୁଚିଗଲା । ସିଂହ ତାକୁ ଚାରିଆଡ଼େ ଖୋଜିଲା । ହେଲେ ପାଇଲା ନାହିଁ । ଶେଷରେ ସେ ଥକି ଗଲା । ସେ ଗୋଟିଏ ଗଛମୂଳରେ ବସି ପଡ଼ିଲା । ସିଂହ ବସୁବସୁ ଶୋଇ ପଡ଼ିଲା । ହରିଣ ବୁଦା ପାଖରୁ ବାହାରି ଲୁଚି ଲୁଚି ପଳାଇଗଲ ।

ତାରିଖ.....................

ସପ୍ତାହ-୨୬

# ପାଠ-୧୫୪

ଦିବସ-୪

**୧. ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼, ପଢ଼ ଓ ଲେଖ ।**

| | | | |
|---|---|---|---|
| ସଂ | ସ୍କା | ଉ | ଟ୍ |
| କୀ | ର୍ତ୍ତୀ | ମା | ନ |
| ର୍ତ୍ତି | ଗ | ସ୍କ | ର |
| ନ | କୀ | ସ୍କୁ | ଟ |

.............. .............. ..............
.............. .............. ..............
.............. .............. ..............
.............. .............. ..............

**୨. କୋଠରୀର ଅକ୍ଷର ସହ ସେହି ଅକ୍ଷର ଥିବା ଶବ୍ଦକୁ ଗାର ଟାଣି ଯୋଡ଼ ।**

ସ୍କେଲ୍

ଆସ୍କା, ଉତ୍ତାପ, ସ୍କୁଲ୍ | [ସ୍କ, ତ୍ତ] | ମାସ୍କ, ପତ୍ତନ, ପିତ୍ତଳ

ଉଚ୍ଛମନା, ଯଜ୍ଞ, କଚ୍ଛପ | [ଚ୍ଛ, ଚ୍ଛ, ଜ୍ଞ] | ବିଜ୍ଞଜନ, ଅଜ୍ଞ, ଉଚ୍ଛାସନ

ବିଚ୍ଛେଦ

**୩. ଚିତ୍ର ଦେଖି ତିନୋଟି ବାକ୍ୟ ଲେଖ ।**



..........................................................................
..........................................................................
..........................................................................
..........................................................................
..........................................................................

**୪. ପଢ଼**

ଉତ୍ତମ କର୍ମରେ ରଖିଲେ ମନ
ଯଶ ଆଉ କିର୍ତ୍ତୀ ହେବ ଅର୍ଜନ ॥
ଗୁରୁଜନଙ୍କୁ ନମସ୍କାର
ଏହିତ ଆମରି ସଂସ୍କାର ॥



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୨୬

# ପାଠ-୧୫୫

ଦିବସ-୫

## ପୁନରାଲୋଚନା

୧. ପଢ଼ ।

### ଜନ୍ମ ଦିନର ଉପହାର



ଭାରତୀର ଜନ୍ମଦିନ । ବାପା ନୂଆ ପୋଷାକ ଆଣିଲେ । ମାଆ ଚକୁଳି ପିଠା ଓ କ୍ଷୀରୀ କଲେ । ଜେଜେ ଭାବିଲେ, କ'ଣ ଦେବେ ? ସେ ରଙ୍ଗୀନ ବହିଟିଏ ଆଣିଲେ । ରଙ୍ଗବେରଙ୍ଗର ଗପ ବହି ଦେଖି ଭାରତୀ ଖୁସି ହେଲା । ଭାଇ ଭାସ୍କର କିଛି ନୂଆ ଉପହାର ଦେବ ବୋଲି ଚିନ୍ତା କଲା । ସେ ବଜାରକୁ ଯାଇ କେତୋଟି ଗଛର ଚାରା ଆଣିଲା । ଭାରତୀକୁ ଡାକି ଘର ପଛପଟ ବାଡ଼ିରେ ଗାତ ଖୋଳିଲା । ଦୁହେଁ ମିଶି ଚାରାଗୁଡ଼ିକ ଲଗାଇଲେ । ଭାସ୍କର କହିଲା— ଏଗୁଡ଼ିକ ତୋର । ପାଣି ଦେଇ ବଞ୍ଚେଇବୁ ଓ ଯତ୍ନ ନେବୁ । ଏହାର ଫୁଲ ଫଳ ତୋର ଉପହାର । ଭାରତୀ ରଙ୍ଗୀନ୍ ବହି ଓ ଗଛ ପାଇ ଖୁସି ହେଲା ।

୨. କୁହ ଓ ଲେଖ ।

(କ) ଭାରତୀର ଭାଇର ନାମ କ'ଣ ?

.....................................................................................

(ଖ) ଜନ୍ମଦିନରେ ଭାସ୍କର ଭାରତୀକୁ କ'ଣ ଉପହାର ଦେଲା ?

.....................................................................................

(ଗ) ରଙ୍ଗୀନ ବହି କିଏ କାହାକୁ ଉପହାର ଦେଲା ?

.....................................................................................

(ଘ) ତୁମ ଭାଇ/ଭଉଣୀଙ୍କ ଜନ୍ମଦିନରେ ତୁମେ କ'ଣ ଉପହାର ଦେବ ବୋଲି ଭାବିଛ ?

.....................................................................................

ସପ୍ତାହ-୨୬

# ପାଠ-୧୫୬

ଦିବସ-୬

## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

୧. ପଢ଼ ।

### ସର୍ ସର୍

ସୋନୁ ଓ ମୋନୁ ଦୁଇ ଭଉଣୀ । ଦୁହେଁ ରାତିରେ ଶୋଇଥିଲେ । ସେହି ସମୟରେ ଲାଇନ୍ ପଳାଇଲା । ଘର ଭିତରୁ ହଠାତ୍ ସର୍-ସର୍ ଶବ୍ଦ ଶୁଭିଲା । ଦୁହେଁ ଡରିଗଲେ । ଅନ୍ଧାରରେ କିଛି ବି ଦେଖାଯାଉ ନଥିଲା । ଦେହରୁ ଗମ୍ ଗମ୍ ଝାଳ ବାହାରି ଗଲା । ଦୁହେଁ ଦୁହିଁଙ୍କ ହାତ ଜୋର କରି ଧରି ରଖିଲେ । ସେତେବେଳେ ଲାଇଟ୍ ଆସିଲା । ସେମାନେ ଦେଖିଲେ ଯେ ତଳେ ପଡ଼ିଥିବା ଜରିରେ ଗୋଟିଏ ଭଅଁରଟିଏ ଅଛି । ସେ ଯେତେବେଳେ ଉଡ଼ିବାକୁ ଚେଷ୍ଟା କରୁଛି, ଜରି ବି ଉଠୁଛି ପଡୁଛି । ଏକଥା ଦେଖି ଦୁହେଁ ଖୁବ୍ ଜୋରରେ ହସିବାକୁ ଲାଗିଲେ ।

୨. କୁହ ଓ ଲେଖ ।

(କ) ସୋନୁ ଓ ମୋନୁ କାହିଁକି ଡରିଗଲେ ।

..............................................................................................

(ଖ) ଘରେ କାହିଁକି ସର୍‌ସର୍ ଶବ୍ଦ ଶୁଭିଲା ?

..............................................................................................

(ଗ) ଗମ୍ ଗମ୍ ପରି ଆଉ ଗୋଟିଏ ଶବ୍ଦ କୁହ ଓ ଲେଖ ।

..............................................................................................

(ଘ) ତୁମ ଘରେ ହଠାତ୍ ଲାଇଟ୍ ଚାଲିଗଲେ ତୁମେ କ'ଣ କରିବ ?

..............................................................................................

୩. ଶ୍ରୁତ ଲିଖନ । (ଶିକ୍ଷକ ୧୦/୧୨ଟି ଶବ୍ଦ ବିଶିଷ୍ଟ ଦୁଇଟି ବାକ୍ୟ ଡାକିବେ ।)

..............................................................................................

..............................................................................................

୪. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଶବ୍ଦ ମିଳାଇ ଲେଖ ।

| 'କ' | 'ଖ' | |
|---|---|---|
| ଯଶ | ସମ୍ପତ୍ତି | ଯେପରି– ଯଶକୀର୍ତ୍ତି |
| ଧନ | ବାର୍ତ୍ତା | ........................................ |
| କଥା | ପଇସା | ........................................ |
| ଟଙ୍କା | ନାଳ | ........................................ |
| ନଇ | କୀର୍ତ୍ତି | ........................................ |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ତାରିଖ....................

ସପ୍ତାହ-୨୭

# ପାଠ-୧୫୭

ଦିବସ-୧

## ବିପତ୍ତିରୁ ରକ୍ଷା ପାଇଲେ ।

୧. ପଢ଼ ।



ଛୋଟ ଗାଁଟିଏ । ଗାଁର ନାମ ପୁରୁଷୋତ୍ତମପୁର । ଗାଁ ମଝିରେ ପୁଷ୍କର ବାବୁଙ୍କ ଚାଳ ଛପର ଘର । ଥରେ ଖରାଦିନେ ରାତିରେ ସେଇ ଘରଟିରେ ନିଆଁ ଲାଗିଗଲା । ଚାରିଆଡ଼େ ହୁରି ପଡ଼ିଗଲା । ଲୋକେ ଧାଁ ଧପଡ଼ ହେଲେ । ପୁଷ୍କର ବାବୁ ସଙ୍ଗେ ସଙ୍ଗେ ୧୦୧ ଦମକଳ କାର୍ଯ୍ୟାଳୟକୁ ଫୋନ୍ କଲେ । ଆହତ ଲୋକଙ୍କ ପାଇଁ ୧୦୮କୁ ଫୋନ୍ କଲେ । ଚାହୁଁ ଚାହୁଁ ଦମକଳ ଆସି ନିଆଁ ଲିଭାଇଲା । ଜରୁରୀକାଳୀନ ସେବା ଗାଡ଼ିଟି ଆସି ଆହତ ଲୋକଙ୍କୁ ଡାକ୍ତରଖାନା ନେଲା । ଗାଁଟି ଗୋଟେ ବଡ଼ ବିପତ୍ତିରୁ ରକ୍ଷା ପାଇଗଲା ।

୨. କୁହ ଓ ଲେଖ ।

(କ) ପୁଷ୍କର ବାବୁ କେଉଁ ଗାଁର ଲୋକ ?

..........................................................................................

(ଖ) ଦମକଳ ଅଫିସ୍‌କୁ କିଏ ଫୋନ୍ କଲା ?

..........................................................................................

(ଗ) ଆହତ ଲୋକମାନେ କେଉଁ ଗାଡ଼ିରେ ଡାକ୍ତରଖାନାକୁ ଗଲେ ?

..........................................................................................

(ଘ) ହଠାତ୍ ଯଦି ଘରେ ନିଆଁ ଲାଗିଯାଏ, ତୁମେ କ'ଣ କରିବ ?

..........................................................................................

୨. ପଢ଼

୬୦ ସେକେଣ୍ଡ

ଗୋଟିଏ ବରଗଛରେ ବଗଟିଏ ରହୁଥିଲା । ସେ ଆଉ ମାଛ ଖାଇବ ନାହିଁ ବୋଲି ମନ ଥୟ କଲା । ତେଣୁ ପୋକଜୋକ ଖାଇ ରହିଲା । ନଈ କୂଳକୁ ଗଲା ନାହିଁ । ଏଣିକି ମାଛମାନେ ଖୁସିରେ କୂଳକୁ ଆସି ଖେଳିଲେ । ଦିନେ ବଗଟି ଉଡ଼ି ଯାଉଯାଉ ମାଛମାନଙ୍କୁ ଦେଖିଲା । ତା' ପାଟିରୁ ଲାଳ ଗଡ଼ିଲା । ସେ ନଈକୂଳକୁ ଆସିଲା । ତାକୁ ଦେଖି ମାଛମାନେ ପାଣିରେ ଲୁଚିଗଲେ ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ତାରିଖ....................

ସପ୍ତାହ-୨୭

# ପାଠ-୧୫୮

ଦିବସ-୨

## ୧. ଅକ୍ଷର ଯୋଡ଼ି ଶବ୍ଦ ଗଢ଼, ପଢ଼ ଓ ଲେଖ । ଯେପରି–







## ୨. ଶବ୍ଦଗୁଡ଼ିକ ପଢ଼ । 'ତ୍ତ' ଅକ୍ଷର ଥିବା ଶବ୍ଦକୁ 'ତ୍ତ' କୋଠରିରେ ଏବଂ 'ସ୍କ' ଅକ୍ଷର ଥିବା ଶବ୍ଦ 'ସ୍କ' କୋଠରିରେ ଲେଖ ।

ଉତ୍ତମ ପତ୍ତନ ବିସ୍କୁଟ୍ ସଂକୀର୍ତ୍ତନ ନମସ୍କାର

ବିଷମ ପ୍ରଜାପତି ଉତ୍‌ଥାନ କୀର୍ତ୍ତିମାନ ସୌଦାଗର

| ତ୍ତ | ସ୍କ |
|---|---|
| | |

## ୩. ଅସଜଡ଼ା ଶବ୍ଦ ସଜାଡ଼ି ଠିକ୍ ଶବ୍ଦ ଲେଖ ।

ଳପିତ୍ତ ................. ତ୍ତିମ୍ପସ ............. ଟ୍‌ବିସ୍କୁ................

ତ୍ତ ବୃ ଆ ............... ରସ୍କଭା ............ କାକର୍ତ୍ତି...............

## ୪. ପଢ଼ ।

| | | | | |
|---|---|---|---|---|
| ଜଳ | ଅବସ୍ଥା | ସ୍ଥାବର | ଉଷ୍ଣ | କୃଷ୍ଣା |
| ସ୍ଥଳ | ବ୍ୟବସ୍ଥା | ଅସ୍ଥାବର | କୃଷ୍ଣ | ତୃଷ୍ଣା |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

## ୧. ପଢ଼ ।

# ସାବାସ୍ ଉତ୍ତମା



ଗାଁ ଶେଷରେ କୂଅଟିଏ । ଖୁବ୍ ଗଭୀର । ପଚାଶ ହାତ ଦଉଡ଼ି ପାଇବ ନାହିଁ । ସକାଳର କଅଁଳିଆ ଖରାରେ କଅଁଳା ବାଛୁରୀଟିଏ ଡେଉଁଥିଲା । ଡେଉଁଡେଉଁ କୂଅଟିରେ ପଡ଼ିଗଲା । ପାଖରେ ଉତ୍ତମା ଠିଆ ହୋଇଥିଲା । ସେ ଗାଁ ଲୋକଙ୍କୁ ଡାକ ପକାଇଲା । ଲୋକମାନେ ଆସିଲେ । ବାଛୁରୀକୁ କୂଅରୁ ବାହାର କରିବା ପାଇଁ ଉଦ୍ୟମ କଲେ । ସଫଳ ହେଲେ ନାହିଁ । ଉତ୍ତମା ଏକଥା ଜାଣିପାରିଲା । ଦମକଳ ଅଫିସ୍‌କୁ ୧୦୧ ନମ୍ବରରେ ଫୋନ୍ କଲା । ଦମକଳ ବାହିନୀ ଆସିଲେ । ବାଛୁରୀକୁ କୂଅରୁ କାଢ଼ିଲେ । ଉତ୍ତମା ବାଛୁରୀକୁ ଦୁବ ଘାସ ଖାଇବାକୁ ଦେଲା । ବାଛୁରୀଟି ଫକ୍ ଫକ୍ ଡେଇଁ ଗାଁ ଭିତରକୁ ପଳାଇଲା ।

## ୨. କୁହ ଓ ଲେଖ ।

(କ) କୂଅରେ କିଏ ପଡ଼ିଗଲା ?

.......................................................................................

(ଖ) ବାଛୁରୀ କୂଅରେ ପଡ଼ିବାର କିଏ ଦେଖିଲା ?

.......................................................................................

(ଗ) ଉତ୍ତମା ବାଛୁରୀକୁ କ'ଣ ଖାଇବାକୁ ଦେଲା ?

.......................................................................................

(ଘ) 'ଫକ୍ ଫକ୍' ଶବ୍ଦ ଲଗାଇ ବାକ୍ୟଟିଏ ଲେଖ ।

.......................................................................................

## ୩. ପଢ଼

୬୦ ସେକେଣ୍ଡ

କାଉ ସବୁଦିନ ସକାଳୁ ଉଠେ । କାଆ କାଆ କରେ । ତା'ପରେ ସୂର୍ଯ୍ୟ ଉଇଁ ଆସୁଥିବାର ସେ ଦେଖେ । ଧୀରେ ଧୀରେ କାଉ ମନରେ ଗର୍ବ ଆସିଲା । ସେ ଆଉ ସକାଳୁ ଉଠିଲାନି । କାଆ - କାଆ କଲାନି । ହେଲେ ସକାଳ ହେଲାରୁ ସୂର୍ଯ୍ୟ ଉଇଁଲା । ଲୋକମାନେ ନିଜ ନିଜ କାମରେ ଲାଗିପଡ଼ିଲେ । ଡେରିରେ ଉଠୁଥିବାରୁ କାଉଟି ଖାଇବାକୁ ପାଇଲା ନାହିଁ । ଏବେ କାଉ ନିଜ ଭୁଲ୍ ବୁଝିପାରିଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

# ପାଠ-୧୬୦



୧. ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼, ପଢ଼ ଓ ଲେଖ ।

| | | |
|---|---|---|
| ନି | ବି | ଳ |
| ପି | ତ୍ତ | ବୃ |
| ଳା | ଚି | ଥା |

..................... ..................... .....................

..................... ..................... .....................

..................... ..................... .....................

୨. ଚିତ୍ର ଦେଖି ବାକ୍ୟ ପୂରଣ କର ।

(କ) ମାଆ ପିତ୍ତଳ  ........................ରେ କ୍ଷୀର ଦେଲେ ।

(ଖ) ଚିତ୍ତ ଭଲ  ........................ ଗଢ଼େ ।

(ଗ) ଉତ୍ତମ ଶିକ୍ଷକଙ୍କୁ  ........................ କଲା ।

୩. ପଢ଼ ।

ମାମୁ ଦେଲେ ଆଣି ପିତ୍ତଳ ଗିନା,
କ୍ଷୀର ପିଇଦେଲା ଆମରି ମୁନା ।
ଆକାଶେ ଉଇଁଲେ ଭାସ୍କର,
ଚାଷୀ ଯାଏ ହୋଇ ତର ତର ।

ଆକାଶେ ଭାସ୍କର ଉଇଁ ଆସିଲେ
ପ୍ରାତଃ ଭ୍ରମଣରେ ଜେଜେ ଚାଲିଲେ ।

୪. ଚିତ୍ରଦେଖି ତିନୋଟି ବାକ୍ୟ ଲେଖ ।



...........................................................

...........................................................

...........................................................

...........................................................

...........................................................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

# ପାଠ-୧୬୧



## ପୁନରାଲୋଚନା

### ୧. ପଢ଼ ।

## ଚିତ୍ତ ମଉସା ଫେରିଲେ




ଚିତ୍ତ ମଉସା ବାଡ଼ି ଠକ୍ ଠକ୍ କରି ଯାଉଥିଲେ । ବିଦ୍ୟାଳୟ ଫାଟକ ପାଖରେ ଅଟକି ଗଲେ । ପିଲାମାନଙ୍କୁ ଦେଖିଲେ । ଏତିକିବେଳେ ପଛପଟୁ ଗାଡ଼ିଟିଏ ଆସିଲା । ତାଙ୍କ ଦେହରେ ଘଷି ହୋଇ ପଳାଇଲା । ସେ ଘାବରେଇ ଗଲେ । ତଳେ ପଡ଼ିଗଲେ । ଚେତା ହରାଇଲେ । ବିଦ୍ୟାଳୟରୁ ଶିକ୍ଷକ ଓ ପିଲାମାନେ ଦୌଡ଼ି ଆସିଲେ । ମୁହଁକୁ ପାଣି ଛାଟିଲେ । ନାକ ଓ କାନକୁ ଫୁଙ୍କିଲେ । ହେଲେ ତାଙ୍କର ଚେତା ଫେରିଲା ନାହିଁ । ଶିକ୍ଷକ ଜରୁରୀକାଳୀନ ସେବା ଗାଡ଼ିକୁ ଫୋନ୍ କଲେ । ଚାହୁଁ ଚାହୁଁ ଗାଡ଼ି ଆସିଲା । ମଉସାଙ୍କୁ ଡାକ୍ତରଖାନା ନେଇଗଲା । ତାଙ୍କର ଚେତା ଫେରିଲା । ସେ ଘରକୁ ଫେରିଲେ ।

### ୨. କୁହ ଓ ଲେଖ ।

(କ) ଚିତ୍ତ ମଉସା କେଉଁଠି ପଡ଼ିଗଲେ ?

.......................................................................................

(ଖ) ଚିତ୍ତ ମଉସା କାହିଁକି ତଳେ ପଡ଼ିଗଲେ ?

.......................................................................................

(ଗ) ଚିତ୍ତ ମଉସାଙ୍କ ମୁହଁକୁ କେଉଁମାନେ ପାଣି ଛାଟିଲେ ?

.......................................................................................

(ଘ) ତୁମେ ବିଦ୍ୟାଳୟ ଫାଟକ ପାଖରେ ଥିଲେ କ'ଣ କରିଥାନ୍ତ ?

.......................................................................................

ସପ୍ତାହ-୨୭

# ପାଠ-୧୬୨

ଦିବସ-୬

## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

୧. ପଢ଼ ।

ଦିନକର ଘଟଣା । ଅର୍ଚ୍ଚନାର ଖାତା, କଲମ ଦରକାର ପଡ଼ିଲା । ସେ ପଇସା ଧରି ସାଇକେଲରେ ଚିତ୍ତପୁର ବଜାରକୁ ଗଲା । ବହି ଖାତା କିଣିସାରି ଦେଖିଲା ବେଳକୁ ସାଇକେଲ୍ ନାହିଁ । ସେ ତ ଚାବି ପକାଇ ନଥିଲା । ଏବେ କରିବ କ'ଣ ? ମନ ଦୁଃଖରେ ଘରକୁ ଫେରିଲା । ବାପାଙ୍କୁ କହିଲା । ବାପା ଥାନାକୁ ଖବର ଦେଲେ । ଥାନା ବାବୁ ଆସିଲେ । ଅଭିଯୋଗଟିଏ ଲେଖି ଦେବାକୁ କହିଲେ । ବାପା ଲେଖି କରି ଦେଲେ । ଦୁଇଦିନ ପରେ ଥାନାବାବୁ ଖବର ଦେଲେ । ବାପା ଓ ଅର୍ଚ୍ଚନା ଥାନାକୁ ଗଲେ । ସାଇକେଲଟି ଫେରି ପାଇଲେ । ଥାନା ବାବୁ ଅର୍ଚ୍ଚନାକୁ କହିଲେ– ତୁମେ ବାହାରକୁ ଗଲେ ସତର୍କ ରହିବ । ସାଇକେଲରେ ଚାବି ପକାଇବ । ସତର୍କ ରହିଲେ ହଇରାଣ ହେବ ନାହିଁ ।

୨. କୁହ ଓ ଲେଖ ।

(କ) ଅର୍ଚ୍ଚନା ବଜାରରୁ କ'ଣ କିଣିଲା ?

..........................................................................................

(ଖ) ଅର୍ଚ୍ଚନା ସାଇକେଲ୍ ଚୋରି କଥା କାହାକୁ କହିଲା ?

..........................................................................................

(ଗ) ଥାନାବାବୁ ଅର୍ଚ୍ଚନାକୁ କ'ଣ କହିଲେ ?

..........................................................................................

(ଘ) ଲୋକାମାନେ ଥାନାକୁ କାହିଁକି ଯାଆନ୍ତି ?

..........................................................................................

୩. ଶ୍ରୁତ ଲିଖନ । (ଶିକ୍ଷକ ୧୦/୧୨ଟି ଶବ୍ଦ ବିଶିଷ୍ଟ ଦୁଇଟି ବାକ୍ୟ ଡାକିବେ ।)

..........................................................................................

..........................................................................................

୪. ଦୁଇଟି କୋଠରି ଭିତରେ ଥିବା ବାକ୍ୟାଂଶକୁ ଯୋଡ଼ି ପୂରା ବାକ୍ୟଗୁଡ଼ିକୁ ଲେଖ ।

| | |
|---|---|
| ଗୁରୁଜନଙ୍କୁ ଉତ୍ତମ | ଏକାଠି ସ୍କୁଲରେ ପଢ଼ନ୍ତି । |
| ଗୋପାଳ ଜଣେ | ବିତ୍ତଶାଳୀ ଲୋକ । |
| ଆମେ ସ୍କେଲ୍ ସାହାଯ୍ୟରେ | ବ୍ୟବହାର କରିବା ଉଚିତ୍ |
| ତିଳୋତ୍ତମା ଓ ଉତ୍ତମା | ଗାର ଟାଣୁ । |

.................................... ........................................

.................................... ........................................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

# ରତନାର ଆଳୁ ଖୋଳା



## ୧. ପଢ଼।

ସିଙ୍ଗିପୁର ଗାଁରେ ରଚନାର ଘର । ସେ ଖୁବ୍ ପରିଶ୍ରମ କରେ । ଦିନେ ସେ ଜମିରେ ଆଳୁ ଖୋଳିବାକୁ ଗଲା । ସେହି ସମୟରେ ଭୋଳା ନାମକ କୁକୁରଟିଏ ତାର ବଲ୍ ଖୋଜି ଖୋଜି କ୍ଷେତରେ ପହଞ୍ଚିଲା । ଭୋଳା ବଲ କଥା ରତନାକୁ ପଚାରିଲା । ରତନା କହିଲା, ଆସ ଆମେ ଦୁହେଁ ମିଶି ଖୋଜିବା । ଭୋଳା ଓ ରତନା ମିଶି ଜମି ଖୋଳିବାକୁ ଲାଗିଲେ । ଭୋଳା ସାହାଯ୍ୟରେ ରତନାର କାମ ସହଜ ହୋଇଗଲା ଏବଂ ଜମିରୁ ଆଳୁ ସବୁ ବାହାରିଗଲା । ଭୋଳା ମଧ୍ୟ ତା ବଲ ପାଇଗଲା । ଶେଷରେ ଦୁହେଁ ଦୁହିଁଙ୍କୁ ଧନ୍ୟବାଦ ଦେଇ ସବୁଦିନ ପାଇଁ ସାଙ୍ଗ ହୋଇ ରହିଲେ ।

## ୨. କୁହ ଓ ଲେଖ ।

**(କ) ରତନା ଜମିରେ କେଉଁ ଚାଷ କରିଥିଲା ?**

..........................................................................................

**(ଖ) ଭୋଳା ଜମିକୁ କ'ଣ ଖୋଜିବାକୁ ଯାଇଥିଲା ?**

..........................................................................................

**(ଗ) ତୁମେ ହଜିଯାଇଥିବା ଜିନିଷକୁ କିପରି ପାଇଛ, ତାର ଅନୁଭୂତି କୁହ ଓ ଲେଖ ।**

..........................................................................................

## ୩. ପଢ଼।

ଉଦୁଉଦିଆ ଖରାବେଳ । ରମେଶ ଚାଲିଚାଲି ଘରକୁ ଫେରୁଥିଲା ବାଟରେ ତାକୁ ଭାରି ଶୋଷ ହେଲା । ଦେହରୁ ଝାଳ ବୋହିଲା । ତା'ଦେହ ଝିମ୍‌ଝିମ୍ ହୋଇଗଲା । ସେ ଟିକିଏ ଥକାମାରି ବସିବାକୁ ଚାହିଁଲା । ହେଲେ କେଉଁଠି ବି ଗଛଟିଏ ଦେଖିବାକୁ ପାଇଲା ନାହିଁ । ତା'ପରଦିନ ରମେଶ ତା'ର ସାଥିମାନଙ୍କ ସହିତ ଆସିଲା । ବାଟର ଦୁଇପାଖରେ ଗଛ ଲଗାଇଲା । ଏହା ଦେଖି ଲୋକମାନେ ଭାରି ଖୁସି ହେଲେ ।

ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

**ସପ୍ତାହ-୨୮** **ପାଠ-୧୬୪** **ଦିବସ-୨**

**୧. ଚିତ୍ର ଦେଖି ତା'ର ନାମ କୁହ ଓ ଲେଖ ।**

    

.............. .............. .............. .............. ..............

**୨. ଶବ୍ଦଗୁଡ଼ିକୁ ପଢ଼ ଓ ଯୁକ୍ତାକ୍ଷରକୁ ବାଛି ଲେଖ ।**

ଗାଳ୍ପିକ ◯ ଭକ୍ତି ◯ ଉତ୍ତାପ ◯ ଚୁମ୍ବକ ◯ ଶଯ୍ୟା ◯

ପଙ୍ଖା ◯ ପ୍ରଶ୍ନ ◯ ଶୁଣ୍ଢ ◯ ହେମନ୍ତ ◯ ଗଇଣ୍ଠା ◯

**୩. ବନ୍ଧନୀ ମଧ୍ୟରୁ ଶବ୍ଦ ନେଇ ଶୂନ୍ୟସ୍ଥାନ ପୂରଣ କର ।**

**(ଉତ୍ତର, ମୁକ୍ତା, ସମାପ୍ତ, ଆରମ୍ଭ, ପ୍ରଣାମ)**

(କ) ରବି ପାଠ ପଢ଼ା ....................... କଲା ।

(ଖ) ଗୁରୁଜନଙ୍କୁ ....................... କର ।

(ଗ) ପ୍ରଶ୍ନର ....................... ଲେଖ ।

(ଘ) ପରୀକ୍ଷା ....................... ହେଲେ ପିଲାମାନେ ମାମୁ ଘରକୁ ଯିବେ ।

(ଙ) ମାଆ ....................... ର ମାଳିଟିଏ ପିନ୍ଧିଛନ୍ତି ।

**୪. ପଢ଼ ।**

(କ) ଆମ ରାଜ୍ୟରୁ ଲୁହାପଥର ରପ୍ତାନୀ ହୁଏ ।

(ଖ) ଖାଦ୍ୟ ଖାଇଲେ ଶକ୍ତି ମିଳେ ।

(ଗ) ଆମେ ଉତ୍ତମ ବ୍ୟବହାର ଦେଖାଇବା ।

(ଘ) କାହା ମନରେ କେବେ କଷ୍ଟ ଦେବା ନାହିଁ ।



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

# ମୂଷା ମାରିଲା ଛୁ

## ୧. ପଢ଼ ।



ଶଙ୍ଖି ବିଲେଇ ଚୁଟିଆ ମୂଷାକୁ କହିଲା, "ଆଜି ମୁଁ ତୋତେ ଖାଇବି ।" ମୂଷା ଠୋ ଠୋ କରି ହସିଲା । ମୁଁ ତ ଚଟ୍‌କରି ଗାତରେ ପଶିଯିବି । ତୁ ଖାଇବୁ କେମିତି ? ଏକଥା ଶୁଣି ଶଙ୍ଖି ବିଲେଇ ଆଖି କଟମଟ କରି ଡେଇଁ ପଡ଼ିଲା । ମୂଷା ଚଟ୍‌କରି ଗାତରେ ପଶିଗଲା । ବିଲେଇର ଚେଷ୍ଟା ବିଫଳ ହେଲା । ମୂଷା ଗାତ ଭିତରେ ତା ସରୁଆ ଲାଞ୍ଜକୁ ଜୋର୍‌ଜୋର କରି ହଲାଇଲା । ତା ଲାଞ୍ଜ ହଲାକୁ ଦେଖି ବିରାଡ଼ିର ମୁଣ୍ଡକୁ ପିତ୍ତ ଚଢ଼ିଲା । ହେଲେ କରିବ କ'ଣ ? ରାଗି ପାଚି ଗୋଡ଼ କଚାଡ଼ି ସେ ଜାଗା ଛାଡ଼ି ପଳାଇଲା ।

## ୨. କୁହ ଓ ଲେଖ ।

**(କ) କିଏ କାହାକୁ ଖାଇବ ବୋଲି କହିଲା ?**

........................................................................................

**(ଖ) ବିଲେଇର ଚେଷ୍ଟା କାହିଁକି ବିଫଳ ହେଲା ?**

........................................................................................

**(ଗ) ମୂଷା ଗାତ ଭିତରେ ପଶିଯାଇ କ'ଣ କଲା ?**

........................................................................................

## ୩. ପଢ଼ ।

୬୦ ସେକେଣ୍ଡ

ସୀମାର ଘର ପଛପଟେ ମୂଷାଟିଏ ରହୁଥିଲା । ରାତିରେ ମୂଷାଟି ସୀମାଙ୍କ ଘରେ ପଶେ । ଖାଇବା ଜିନିଷ ଚୋରି କରେ । ଗୋଟିଏ ରାତିର କଥା । ମୂଷାଟି ଖାଇବା ଜିନିଷ ଆଶାରେ ରୋଷେଇ ଘରେ ପଶିଲା । ସେଠାରେ ତେଲଗିନା ଥିଲା । ମୂଷାର ଗୋଡ଼ ବାଜି ତେଲ ଗିନା ଢାଳି ହୋଇଗଲା । ତା' ଗୋଡ଼ ତେଲ ଉପରେ ପଡ଼ି ଖସିଗଲା । ତାକୁ ବହୁତ କଷ୍ଟ ହେଲା । ଏଣିକି ସେ ଆଉ ଚୋରି କରିବନି ବୋଲି ଶପଥ କଲା ।

ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | |


ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୨୮

# ପାଠ-୧୬୬

ଦିବସ-୪

## ୧. ଚିତ୍ର ଦେଖି ଶୂନ୍ୟସ୍ଥାନ ପୂରଣ କର ।



(କ) ............................ ଘାସ ଉପରେ ବସିଛି ।



(ଖ) ........................ରେ ଫୁଲଗଛ ହୋଇଛି ।



(ଗ) ପିଲାଟି ........................ ବଜାଉଛି ।



(ଘ) ଆମେ ......................ରେ ପାଣି ପିଉ ।

## ୨. ଅସଜଡ଼ା ଶବ୍ଦକୁ ସଜାଡ଼ି ଲେଖ ।

| କଳ୍ପବି | ମାପ୍ତସ | ନିଷ୍କକ | ରିଷ୍ଠଗ | ମଷ୍ଟଅ |
|---|---|---|---|---|
| | | | | |
| ନମ୍ଳାଅ | କଲ୍ଲୁଭ | ଇଣ୍ଡେକ | ରସିନ୍ଦୁ | ରଶ୍ମୀକା |
| | | | | |

## ୩. ଠିକ୍ ବାକ୍ୟାଂଶକୁ ଗାର ଟାଣି ଯୋଡ଼ ।

| 'କ' | 'ଖ' |
|---|---|
| ପବନ ଧୀରେ ଧୀରେ | ହସୁଛି |
| ଘୋଡ଼ାଟି ଜୋରରେ | ଝଲସୁଛି |
| ପିଲାଟି ଠୋ ଠୋ | ଦଉଡୁଛି |
| ବିଜୁଳି ରହି ରହି | ବହୁଛି |

## ୪. ପଢ଼ ।

ଆଜି ରବିବାର ଛୁଟି
ଗରମ ଗରମ ରୁଟି
କିଏ ସେ ଖାଇବ ଆସ,
ଆସନ ପକାଇ ବସ
କାକରା, ଚକୁଳି ପିଠା
ଆହା କି ସୁଆଦ ମିଠା ।
ଖିଆପିଆ ସାରି ଖସ,
ମୁରୁକି ମୁରୁକି ହସ ।



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ସପ୍ତାହ-୨୮

# ପାଠ-୧୬୭

ଦିବସ-୫

## ପୁନରାଲୋଚନା

## ଜଙ୍ଗଲକୁ ଦେଖି ଗଲା ପଳାଇ

୧. ପଢ଼ ।



ଦିନେ ଠେକୁଆ କଇଁଛକୁ କହିଲା, ଭାଇ ଚାଲ ୧୦୦ ମିଟର ଦୌଡ଼ରେ ଭାଗନେବା । ଦେଖିବା କିଏ ଜିତିବ । କଇଁଛ କହିଲା, ମୁଁ କ'ଣ ତୁମ ସହ ଦୌଡ଼ିପାରିବି । ଠେକୁଆ ମୁରୁକିହସି ଅଳ୍ପ ସମୟରେ ୧୦୦ ମିଟର ଦୌଡ଼ି ଶେଷ କରିଲା । ତାପରେ କଇଁଛକୁ ଥଟ୍ଟା କରି ପଚାରିଲା – ଭାଇ କେତେ ବର୍ଷ ଲାଗିବ ?

ଠେକୁଆର ଥଟ୍ଟା କଇଁଛକୁ ବଡ଼ ବାଧିଲା । କଇଁଛ ଠେକୁଆକୁ କହିଲା, ଭାଇ ଆଉ ଗୋଟିଏ ପ୍ରତିଯୋଗିତାରେ ଭାଗନେବା । ଠେକୁଆ ନିଶକୁ ମୋଡ଼ି କହିଲା, ମୁଁ କ'ଣ ମନା କରୁଛି । ପରଦିନ କଇଁଛ ଠେକୁଆକୁ ନେଇ ନଦୀକୂଳରେ ପହଞ୍ଚିଲା । କହିଲା, ଚାଲ ନଦୀ ପାର ହେବା । ଏତିକି କହୁ କହୁ କଇଁଛ ପାଣିକୁ ଡେଇଁ ପଡ଼ିଲା । ଚାହୁଁ ଚାହୁଁ କଇଁଛ ନଦୀ ସେପାଖରେ ପହଞ୍ଚିଲା । ଠେକୁଆର ମୁହଁ ଫିକା ପଡ଼ିଗଲା ।କଇଁଛ କହିଲା –

ଠେକୁଆ ଭାଇ
ମୁଣ୍ଡକୁ ନଇଁ
ଜଙ୍ଗଲକୁ କିଆଁ
ଯାଉଛୁ ତୁହି ।



ସେହିଦିନ ଠାରୁ ଠେକୁଆ କଇଁଛ ପାଖକୁ ଆସେ ନାହିଁ ।

୨. କୁହ ଓ ଲେଖ ।

(କ) ଠେକୁଆ କଇଁଛକୁ କେତେ ମିଟର ଦୌଡ଼ରେ ଭାଗନେବାକୁ କହିଲା ?

.......................................................................................................

(ଖ) କଇଁଛ କେଉଁ କାରଣ ପାଇଁ ଠେକୁଆ ଉପରେ ରାଗିଲା ?

.......................................................................................................

(ଗ) ଜଙ୍ଗଲକୁ ଠେକୁଆ କାହିଁକି ଦୌଡ଼ି ପଳାଇଲା ?

.......................................................................................................

(ଘ) କଇଁଛ ଜାଗାରେ ତୁମେ ଥିଲେ କ'ଣ କରିଥାନ୍ତ ?

.......................................................................................................



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ସପ୍ତାହ-୨୮

# ପାଠ-୧୬୮

ଦିବସ-୬

## ମାନନିର୍ଦ୍ଧାରଣ ଓ ପୁନରାଲୋଚନା

### ବୁଢ଼ୀର କ୍ଷୀରୀ ଖିଆ

୧. ପଢ଼ ।

ଚନ୍ଦପୁର ଗାଁରେ ଗୋଟିଏ ବୁଢ଼ୀ ଏକୁଟିଆ ରହୁଥାଏ । ଦିନେ ରାତିରେ ତାର କ୍ଷୀରୀ ଖାଇବାକୁ ମନ ହେଲା । ବୁଢ଼ୀ କ୍ଷୀରୀ କରୁ କରୁ ସେଠାରେ ଶୋଇପଡ଼ିଲ । ବୁଢ଼ୀ ଘର ବାଟ ଦେଇ ଚୋରମାନେ ଯାଉଥିଲେ । କ୍ଷୀରୀର ବାସ୍ନାରେ ସେମାନେ ତା ଘରେ ପଶିଗଲେ । ଦେଖିଲେ କ୍ଷୀରୀ ଡେକିଚି ପାଖାରେ ବୁଢ଼ୀଟି ମୁହଁ ମେଲାକରି ଶୋଇପଡ଼ିଛି । ଚୋରମାନେ ଭାବିଲେ ଯେ ବିଚରା ବୁଢ଼ୀଟି ଭୋକରେ ଶୋଇଛି । ସେମାନେ ଚାମଚ ଆଣି ବୁଢ଼ୀ ପାଟିରେ କ୍ଷୀରୀ ଦେଉ ଦେଉ ପାଟି ତାତିଗଲା । ସେ ଜୋର୍‌ରେ ପାଟିକଲା । ବୁଢ଼ୀର ପାଟି ଶୁଣି ଗାଁ ଲୋକମାନେ ଦଉଡ଼ି ଆସିଲେ । ସମସ୍ତେ ମିଶି ଚୋରମାନଙ୍କୁ ଧରି ପକାଇଲେ ।

୨. କହ ଓ ଲେଖ ।

(କ) ବୁଢ଼ୀର କ'ଣ ଖାଇବାକୁ ମନ ହେଲା ?

.....................................................................................

(ଖ) ବୁଢ଼ୀର ପାଟି କେମିତି ତାତି ଗଲା ?

.....................................................................................

(ଗ) ଗାଁ ଲୋକମାନ ଚୋରମାନଙ୍କୁ କିପରି ଧରିପାରିଲେ ?

.....................................................................................

(ଘ) ଚୋରମାନଙ୍କୁ ଧରିବା ପାଇଁ ତୁମେ କେଉଁ ସବୁ ଉପାୟ କରିବ ?

.....................................................................................

୩. ଶ୍ରୁତଲିଖନ । (ଶିକ୍ଷକ ୧୦/୧୨ଟି ଶବ୍ଦ ବିଶିଷ୍ଟ ଦୁଇଟି ବାକ୍ୟ ଡାକିବେ ।)

.....................................................................................

.....................................................................................

୪. ପଢ଼ ।

| | | | | | | |
|---|---|---|---|---|---|---|
| ଦୁଷ୍ଟ | ସପ୍ତର୍ଷି | କନିଷ୍ଠ | କାନ୍ଦଣା | ହମ୍ବାରଡ଼ି | ପୁରସ୍କାର | ପଲ୍ଲୀବାସୀ |
| ଶିଷ୍ଟ | ମହର୍ଷି | ବଳିଷ୍ଠ | ରାନ୍ଧଣା | ଘଡ଼ଘଡ଼ି | ତିରସ୍କାର | ଭାରିଖୁସି |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର....................

ତାରିଖ....................

# ଅତିରିକ୍ତ କାର୍ଯ୍ୟ

## ସପ୍ତାହ-୧୬

୬୦ ସେକେଣ୍ଡ

୧. ପଢ଼ ।

ନଟିଆ ହାଟକୁ ଗଲା । ମଟର ଭଜା କିଣିଲା । ଟକଟକ କରି ପାଟିରେ ପକାଇଲା । ନଟୁଟିଏ କିଣି ନଟିଆ ଘରକୁ ଫେରିଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|

## ସପ୍ତାହ-୧୭

୬୦ ସେକେଣ୍ଡ

୨. ପଢ଼ ।

ଫୁଲଟିଏ ହସୁ ଥିଲା । ମହମହ ବାସୁ ଥିଲା । ପ୍ରଜାପତିଟିଏ ଆସିଲା । ତା'ପାଖରେ ବସିଲା । ଫୁଲ ଖୁସି ହେଲା । ଖେଳ ଏଥର ଜମିଗଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|

## ସପ୍ତାହ-୧୮

୬୦ ସେକେଣ୍ଡ

୩. ପଢ଼ ।

ପଡ଼ିଆରେ ଚୁନଚୁନିଆ ଘାସ ହୋଇଥିଲା । ଛେଳିଟିଏ ଘାସ ଖାଇଲା । ଘାସ କଷ୍ଟ ପାଇଲା । ଘାସ ଖାଇ ଛେଳିର ପେଟ ପୁରିଗଲା । ଘାସ ତଥାପି ବହୁତ ଖୁସି ଥିଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|

## ସପ୍ତାହ-୧୯

୬୦ ସେକେଣ୍ଡ

୪. ପଢ଼ ।

ଝିପିଝିପି ବରଷା ହେଉଥିଲା । ଚାଳରୁ ପାଣି ଝରୁ ଥିଲା । ମୁନା ଏସବୁ ଦେଖୁଥିଲା । ମୁନା କାଗଜରେ ଡଙ୍ଗାଟିଏ ତିଆରି କଲା । ଡଙ୍ଗାକୁ ପାଣି ସୁଅରେ ଭସାଇ ଦେଲା । ଡଙ୍ଗା ନାଚି ନାଚି ଭାସିଗଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

ତାରିଖ....................

# ଅତିରିକ୍ତ କାର୍ଯ୍ୟ

## ସପ୍ତାହ-୨୦

୬୦ ସେକେଣ୍ଡ

୫. ପଢ଼ ।

ଆକାଶରେ ଗୁଡ଼ିଟିଏ ଉଡୁଥିଲା । ଉଠିପଡ଼ି ପବନରେ ଖେଳୁଥିଲା । ଆକାଶରେ ଝଡ଼ ମାଡ଼ି ଆସିଲା । ଗୁଡ଼ି ଡରିଲା ନାହିଁ । ଝଡ଼ ଗୁଡ଼ିକୁ ନେଇ ତଳେ କଚାଡ଼ି ଦେଲା । ଗୁଡ଼ି ଫାଡ଼ି ହୋଇଗଲା ।

ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା

୬. ପଢ଼ ।

ଆକାଶ ସଫା ଥିଲା । ଖୁସିରେ ହସୁଥିଲା । କଳାମେଘ ଆସି ଆକାଶକୁ ଘୋଡ଼ାଇ ଦେଲା । ଆକାଶର ସୁନ୍ଦର ମୁହଁଟା ଶୁଖିଗଲା । ଏତିକି ବେଳେ ପବନ ଆସିଲା ମେଘକୁ ଉଡ଼େଇ ନେଲା । ଆକାଶ ହସି ଦେଲା ।

ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା

## ସପ୍ତାହ-୨୧

୬୦ ସେକେଣ୍ଡ

୭. ପଢ଼ ।

ମୁଢ଼ି ନିଅ ବୋଲି ମୁଢ଼ିବାଲୀ ଡାକ ଛାଡ଼ିଲା । ମୁଢ଼ିବାଲୀ ଡାକ ଶୁଣି ସେଇଠି ଭିଡ଼ ଜମିଲା । ଲୋକମାନେ ପଇସା ବଢ଼େଇ ବୁଢ଼ୀଠୁ ଗରମ ଗରମ ମୁଢ଼ି କିଣିଲେ । ବୁଢ଼ୀ ଖୁସି ହୋଇ ପଇସା ଧରି ଘରକୁ ବାହୁଡ଼ି ଗଲା ।

ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା

## ସପ୍ତାହ-୨୨

୬୦ ସେକେଣ୍ଡ

୮. ପଢ଼ ।

ହନୁ ପଇଡ଼ ପିଇବାକୁ ମନକଲା । କନକନ ହୋଇ ହନୁ ପୋଖରୀ କୂଳକୁ ଚାଲିଲା । ନଡ଼ିଆ ଗଛକୁ ଚଢ଼ି ଗଲା । ଯତନରେ ଦୁଇଚାରିଟା ପଇଡ଼ ତୋଳିଲା । ହନୁ ଖୁସିରେ ତଳକୁ ଆସି ଦେଖିଲା ପଇଡ଼ ନାହିଁ । ସବୁତକ ପଇଡ଼ ପୋଖରୀ ପାଣିରେ ଭାସୁଛି । ହନୁ ମନ ମାରି ରହିଲା ।

ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା

## ସପ୍ତାହ-୨୩

୬୦ ସେକେଣ୍ଡ

୯. ପଢ଼ ।

ଏଲି ଘୋଡ଼ାଗାଡ଼ିରେ ମେଳାକୁ ଯାଇଥିଲା । ଚକିରି ଦୋଳିରେ ବସିଲା । ଚୋରଟିଏ ଆସିଲା । ଗୋଟିଏ ଲୋକର ପକେଟ୍‌ରୁ ପଇସା ଚୋରି କଲା । ଏକଥା ଏଲି ଦେଖିଲା । ସେ ବଡ଼ ପାଟିରେ ଚୋର ଚୋର ପାଟି କଲା । ଚୋର ଦଉଡ଼ିଲା । ଲୋକେ ଚୋରକୁ ଧରିଲା । ଲୋକଟି ପଇସା ଫେରି ପାଇ ଖୁସି ହେଲା ।

ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................

# ଅତିରିକ୍ତ କାର୍ଯ୍ୟ

## ସପ୍ତାହ-୨୪

୬୦ ସେକେଣ୍ଡ

### ୧୦. ପଢ଼ ।

ଛୋଟ ପିଲାଟିଏ । ତା'ର ନାମ ଗୋପାଳ । ସେ ଭାରି ଚଗଲା । ଦିନେ ବାପା ତାକୁ ଗପ ବହିଟିଏ ପଢ଼ିବାକୁ ଦେଲେ । ଗୋପାଳକୁ ଗପଗୁଡ଼ିକ ଭାରି ଭଲ ଲାଗିଲା । ସେଥିରୁ ସେ ଭଲ କଥା ସବୁ ଶିଖିଲା । ସେ ଆଉ ଚଗଲା ହେଲା ନାହିଁ । ସମସ୍ତେ କହିଲେ- ଗୋପାଳ ଆମର ସୁନା ପିଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|

## ସପ୍ତାହ-୨୫

୬୦ ସେକେଣ୍ଡ

### ୧୧. ପଢ଼ ।

ବିଲୁଆଟିଏ ଥିଲା । ସେ ଲାଞ୍ଜ ପୁରାଇ ଗାତରୁ କଙ୍କଡ଼ା ଧରେ । ଖୁସି ମନରେ ଖାଏ । ଏକଥା ଗୋଟିଏ ମୂଷା ସବୁଦିନ ଦେଖୁଥିଲା । ସେ କଙ୍କଡ଼ା ଖାଇବାକୁ ମନ କଲା । ମୂଷା ନିଜ ଲାଞ୍ଜ ଗାତରେ ପୁରାଇଲା । କଙ୍କଡ଼ା ତା' ଲାଞ୍ଜକୁ କାମୁଡ଼ି ଦେଲା । ମୂଷାକୁ କାଟିଲା । ସେ ମନ ଖରାପ କରି ପଳାଇଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|

## ସପ୍ତାହ-୨୬

୬୦ ସେକେଣ୍ଡ

### ୧୨. ପଢ଼ ।

ଗାଈ ଗୋଟିଏ ଗୃହପାଳିତ ପଶୁ । ସେ ଗୁହାଳରେ ରୁହେ । ଘାସ ଖାଏ । ତୋରାଣି ପିଏ । କ୍ଷୀର ଦିଏ । ସେଥିରୁ ଦହି, ଛେନା ତିଆରି ହୁଏ । ଗାଈର କ୍ଷୀର ପିଇଲେ ବଳ ବଢ଼େ । ତା'ର ଗୋବର ଖତ ହୁଏ । ସେ ଆମର ବହୁତ ଉପକାର କରେ । ଗାଈକୁ ଗୋମାତା କୁହାଯାଏ । ଆମେ ଗାଈର ଯତ୍ନ ନେବା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|

## ସପ୍ତାହ-୨୭

୬୦ ସେକେଣ୍ଡ

### ୧୩. ପଢ଼ ।

ଦିନେ ମୀରା ପିଲାମାନଙ୍କ ସହ ପଡ଼ିଆରେ ଖେଳୁଥିଲା । ହଠାତ୍ ସେ ତଳେ ଚେତା ହରାଇ ପଡ଼ିଗଲା । ତା' ମାଆ ଆସି ତାକୁ ଡାକ୍ତରଙ୍କ ପାଖକୁ ନେଲେ । ଡାକ୍ତର ପରୀକ୍ଷା କରି କହିଲେ-ମୀରା ଦେହରେ କମ୍ ରକ୍ତ ଅଛି । ତାକୁ ଅଧିକ ପରିମାଣରେ ସବୁଜ ପନିପରିବା ଖାଇବାକୁ ଦିଅ । ମୀରା ଏଣି ସବୁ ପନିପରିବା ଖାଇ ସୁସ୍ଥ ରହିଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|

# ଅତିରିକ୍ତ କାର୍ଯ୍ୟ

ସପ୍ତାହ-୨୮

୬୦ ସେକେଣ୍ଡ

## ୧୧. ପଢ଼।

ଅଜୟ ଗୋଟିଏ ଭୋଜିକୁ ଯାଇଥିଲା । ଲୋକେ ଅଧିକ ଖାଇବା ଜିନିଷ ମାଗି ଫୋପାଡୁଥିବା ଦେଖିଲା । ଭୋଜିରୁ ଫେରିବା ବାଟରେ ଜଣେ ବୁଢ଼ାକୁ ଦେଖିଲା । ବୁଢ଼ା ଲୋକଟି ଭୋକ ଶୋଷରେ ଆଉଟୁ ପାଉଟୁ ହେଉଥିଲା । ଅଜୟ ଫଳ ଓ ପାଣି ଦେଲା । ବାପାକୁ ସବୁ କଥା କହିଲା । ବାପା ସହରର ମୁଖିଆ ସହ କଥା ହେଲେ । ମୁଖିଆ, ବଳକା ଖାଇବା ଜିନିଷ ଆଣିବା ପାଇଁ ସବୁ ସାହିକୁ ଗାଡ଼ି ପଠାଇଲେ । ଲୋକେ ଘରର ବଳକା ଖାଇବା ଜିନିଷ ସେଥିରେ ରଖିଲେ । ସେହିସବୁ ଖାଇବା ଭୋକିଲା ଗରିବ ଲୋକଙ୍କୁ ଦିଆଗଲା ।

| ମୋଟ ଶବ୍ଦ ସଂଖ୍ୟା/ଠିକ୍‌ରେ ପଢ଼ିଥିବା ଶବ୍ଦ ସଂଖ୍ୟା | | |
|---|---|---|

## ୧୨. ଚିତ୍ର ଦେଖ ଓ କୁହ।





ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର.....................